



### ରତ୍ନଭଣ୍ଡାର ମରାମତିର ସମୀକ୍ଷା

# ମାର୍ଚ୍ଚ ସୁଦ୍ଧା ସରିବ ନାହିଁ କାମ



**ନୀତିବହୁଳ ଓ ଭିଡ଼ ଯୋଗୁ ଏଏସ୍ଆଇକୁ ପର୍ଯ୍ୟାପ୍ତ ସମୟ ମିଳୁନି**

ପୁରୀ,୧୧।୨(ସମିସ)

ପୂର୍ବରୁ ଧାର୍ଯ୍ୟ ସମୟ ମଧ୍ୟରେ ସରିପାରିବ ନାହିଁ ରତ୍ନଭଣ୍ଡାର ମରାମତି କାର୍ଯ୍ୟ। ନୀତି ବହୁଳ ଏବଂ ଭକ୍ତଙ୍କ ଭିଡ଼ ଯୋଗୁ ଏଏସ୍ଆଇକୁ ପର୍ଯ୍ୟାପ୍ତ ସମୟ ମିଳିପାରୁନି। ଫଳରେ ରତ୍ନଭଣ୍ଡାର ମରାମତି କାମ ଧିମା ଚାଲିଛି ବୋଲି ମଙ୍ଗଳବାର ଅନୁଷ୍ଠିତ ରତ୍ନଭଣ୍ଡାର ମରାମତି ସମୀକ୍ଷା ବୈଠକରେ ଏହି ସୂଚନା ଦେଇଥିଲା ଏଏସ୍ଆଇ। ତେଣୁ ଏଏସ୍ଆଇକୁ ଅଧିକ ସମୟ ଦେବା ଉପରେ ଗୁରୁତ୍ୱ ଦେଇଛି ଶ୍ରୀମନ୍ଦିର ପ୍ରଶାସନ।

ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏହି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ଶେଷରେ ଜିଲ୍ଲାପାଳ ଶ୍ରୀ ସ୍ୱାଇଁ କହିଥିଲେ ଯେ, ରତ୍ନଭଣ୍ଡାର ମରାମତି ସମ୍ପର୍କରେ ଆଲୋଚନା ହୋଇଥିଲା। ତେବେ ୩ ମାସ ମଧ୍ୟରେ ରତ୍ନଭଣ୍ଡାର କାମ ସରିବ ବୋଲି ଯେଉଁ ଲକ୍ଷ୍ୟ ଧାର୍ଯ୍ୟ ଥିଲା ତାହା ନୀତି ବହୁଳ ମାସ ଯୋଗୁ ସମ୍ଭବ ହେବ ନାହିଁ। ଗତମାସ ନୀତି ବହୁଳ ରହିଥିଲା। ସେହିପରି ଭକ୍ତଙ୍କ ଭିଡ଼ ଯେଉଁଦିନ ରହୁଛି ତାକୁ ଆଡଜଷ୍ଟ କରି କାମ କରିବାକୁ ପଡୁଛି। ତେଣୁ ଆହୁରି ଅଧିକ ୪୫ କିମ୍ବା ୬୦ ଦିନ ଲାଗିପାରେ। ଏ ନେଇ ସେବା ସମ୍ପୃକ୍ତ ସେବକଙ୍କ ସହ ଆଲୋଚନା କରାଯାଇଛି। ଯେଉଁଦିନ କାମ ହେବ ସେଦିନ ଯେପରି ଏଏସ୍ଆଇ ୫ ଘଣ୍ଟା ସମୟ ପାଇବ ତା' ଉପରେ ଫୋକସ ରଖିବାକୁ କୁହାଯାଇଛି। ଯେ ହେତୁ ରତ୍ନଭଣ୍ଡାର ମରାମତି ଏକ ସମ୍ବେଦନଶୀଳ କାମ ତେଣୁ କୌଣସି ସମୟ ଧାର୍ଯ୍ୟ ରଖି ଯାଇହେବ ନାହିଁ। କାମର କ୍ୱାଲିଟି ମେଣ୍ଟେନ ହେବ। ଭଣ୍ଡାର ଘରର ଦୀର୍ଘସ୍ଥାୟୀ ମରାମତି ଉପରେ ଦିଆଯାଉଛି ଗୁରୁତ୍ୱ। ଯେତେ ସମୟ ଆବଶ୍ୟକ ଏଏସ୍ଆଇକୁ ଦିଆଯିବ ବୋଲି କହିଛନ୍ତି ଜିଲ୍ଲାପାଳ। ସେହିପରି ବୈଠକରେ ଅନ୍ୟ ପାର୍ଶ୍ୱ ଦେବାଦେବୀଙ୍କ ମନ୍ଦିର ମରାମତି କାର୍ଯ୍ୟ ପାଇଁ ମଧ୍ୟ ଏଏସ୍ଆଇ ସହ ଆଲୋଚନା ହୋଇଛି ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି।

ଏଏସ୍ଆଇ ସୁପରିଣ୍ଟେଣ୍ଡେଣ୍ଟ ଡି.ବି. ଗଡ଼ନାୟକ କହିଛନ୍ତି, ଭିତର ରତ୍ନ ଭଣ୍ଡାରର ମରାମତି କାର୍ଯ୍ୟ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଭିତର ଭଣ୍ଡାରର ଚଟାଣ ମରାମତି, ଦୁର୍ବଳ ବା ଖରାପ ପଥର ବଦଳାଯାଇ ନୂଆ ପଥର ବସାଯାଇଛି। ସେହିପରି ଗ୍ରାଉଟି ଓ ସିଲିଂ ଯଏଣ୍ଟ କାର୍ଯ୍ୟ ମଧ୍ୟ ସରିଛି। ଏବେ ବାହାର ଭଣ୍ଡାର ମରାମତି ପାଇଁ ଭାରା ବନ୍ଧା ସରିଛି। ଏଥିରେ ବଡ଼ ବଡ଼ ପଥର ବଦଳାଇବାକୁ ପଡିବ ବୋଲି ଗଡ଼ନାୟକ କହିଛନ୍ତି।

### ଘରୋଇ ହସ୍ପିଟାଲକୁ ଅହେତୁକ ଅନୁକମ୍ପା

# ଐତିହ୍ୟ ସମ୍ପନ୍ନ ପୋଖରୀକୁ ଅବରୋଧ କରିଛି ଟ୍ରାନ୍ସଫର୍ମର

ପୁରୀ,୧୧।୨(ସମିସ)

ଏକ ଘରୋଇ ହସ୍ପିଟାଲକୁ ଅହେତୁକ ଅନୁକମ୍ପା ଦେଖାଇ ଐତିହ୍ୟ ସମ୍ପନ୍ନ ପଥର ପୁଷ୍କରିଣୀକୁ ଅବରୋଧ କରାଯାଇଛି। ଏପରି କି ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗକୁ ମଧ୍ୟ ଶୁଣିନି ପ୍ରଶାସନ। ଅଠରନଳାସ୍ଥିତ ଦେବୀ ଆଲାମଚଣ୍ଡୀ ମନ୍ଦିର ସମ୍ମୁଖରେ ଥିବା ଏହି ପୋଖରୀ ପ୍ରବେଶ ପଥରେ ଠିଆ ହୋଇଛି ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର। ରାତିଅଧିଆ ଏହି ଟ୍ରାନ୍ସଫର୍ମରରୁ ଜାତୀୟ ରାଜପଥ ଖୋଳାଯାଇ ଘରୋଇ ଶ୍ୟାମଶ୍ରୀ ହସ୍ପିଟାଲକୁ ବିଦ୍ୟୁତ୍ ସଂଯୋଗ କରାଯାଇଛି ବୋଲି ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା। ଏ ନେଇ ମଙ୍ଗଳବାର କୁମ୍ଭାରପଡ଼ା ଥାନାରେ ମଧ୍ୟ ଲିଖିତ ଅଭିଯୋଗ କରିଛନ୍ତି। ହେଲେ ସେମାନଙ୍କ ଅଭିଯୋଗକୁ ପୋଲିସ ନା ପ୍ରଶାସନ ନା ଟିପିସିଓଡିଏଲ୍ କେହି ବି ଶୁଣିନାହାନ୍ତି। ଏହାକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ଅଭିଯୋଗକାରୀ ଦର୍ଶାଇଛନ୍ତି ଯେ, ହସ୍ପିଟାଲକୁ ବିଦ୍ୟୁତ୍ ସଂଯୋଗ ନେବା ପାଇଁ ମଙ୍ଗଳବାର ଐତିହ୍ୟ ସମ୍ପନ୍ନ ପଥର ପୋଖରୀ ସମ୍ମୁଖରେ ବିଦ୍ୟୁତ ଟ୍ରାନ୍ସଫର୍ମର ବସାଯାଇଛି। ଦୁଇଟି ବଡ଼ ବିଦ୍ୟୁତ୍ ଖୁଣ୍ଟି ପୋତାଯାଇଛି। ଫଳରେ ଏହାଦ୍ୱାରା ପଥର ପୋଖରୀ ଅବରୋଧ ହୋଇଛି। ପୋଖରୀ ପ୍ରବେଶ ପଥରେ ଏହି ଟ୍ରାନ୍ସଫର୍ମର ବସିଥିବାରୁ କେତେବେଳେ ବି ଦୁର୍ଘଟଣା ଘଟିପାରେ। ସେହିପରି ଆଲାମଚଣ୍ଡୀ ମନ୍ଦିର ଜମିକୁ ହସ୍ପିଟାଲ ଦ୍ୱାରା ଜବରଦଖଲ କରାଯାଇଥିବା ମଧ୍ୟ ଅଭିଯୋଗ ହୋଇଛି। ଏ ସମ୍ପର୍କରେ କୁମ୍ଭାରପଡ଼ା ଆଇଆଇସି ସୁଶାନ୍ତ କୁମାର ସାହୁଙ୍କୁ ପଚାରିବାରେ ହଁ ଅଭିଯୋଗ ହୋଇଛି। କିନ୍ତୁ ଅନୁମତି ଥାଇ



ଏହାକୁ ବସାଯାଇଛି ବୋଲି କହିଥିଲେ। ସେହିପରି ଶ୍ୟାମଶ୍ରୀ ହସ୍ପିଟାଲର ପରିଚାଳନା ନିର୍ଦ୍ଦେଶକ ଦେବାଶିଷ ମହାନ୍ତିଙ୍କୁ ପଚାରିବାରେ ସେ କହିଛନ୍ତି, ଆଇନ ଅନୁଯାୟୀ ଏବଂ ସମସ୍ତ ଅନୁମତି ଥାଇ ଟାଟା କମ୍ପାନୀ ଏହାକୁ ବସାଇଛି। ସେମାନେ ସଟ୍‌ଡାଉନ କରି ତାଙ୍କର ଲାଇନମ୍ୟାନ ଏବଂ ଜେଇ ଉପସ୍ଥିତ ରହି ଏହାକୁ ବସାଇଛନ୍ତି।

ତେବେ ଏଠାରେ ପ୍ରଶ୍ନଉଠୁଛି ନବକଳେବରର ସହ ସମ୍ପୃକ୍ତ ପଥର ପୋଖରୀ ସହ ଅନେକ ଐତିହ୍ୟ ଯୋଡି ହୋଇରହିଛି। ଦାରୁ ଆଣିବା ସମୟରେ ଦଇତାପତି ସେବକମାନେ ଏହି ପୁଷ୍କରିଣୀରେ ସ୍ନାନ କରିଥାନ୍ତି।

ଅବହେଳିତ ହୋଇପଡିଥିବା ଏହି ପୁଷ୍କରିଣୀର ପୁନରୁଦ୍ଧାର ଦିଗରେ ପ୍ରଶାସନ ଧ୍ୟାନ ନ ଦେଇ ବରଂ ଏକ ଘରୋଇ ହସ୍ପିଟାଲକୁ ଅହେତୁକ ଅନୁକମ୍ପା ଦେଖାଇ ଏହାକୁ ଅବରୋଧ କରୁଛି ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଯଦି ଘରୋଇ ହସ୍ପିଟାଲକୁ ପ୍ରଶାସନ ଅନୁକମ୍ପା ଦେଖାଇବାର ଥିଲା ଏହି ଟ୍ରାନ୍ସଫର୍ମର ଅପରପାଶ୍ୱର୍ ଅର୍ଥାତ୍ ହସ୍ପିଟାଲ କଡ଼ରେ ବସାଇ ପାରିଥାନ୍ତେ ବୋଲି ମତ ଦେଇଛନ୍ତି।

# ଡକାୟତି ଯୋଜନା ପଣ୍ଡ: ୩ ଘଟଣାରେ ୧୫ ଗିରଫ, ମାରଣାସ୍ତ୍ର ଜବତ

ପୁରୀ,୧୧।୨(ସମିସ)

ଡକାୟତି ଯୋଜନା ପଣ୍ଡ କରିବାରେ ପୁରୀ ପୁଲିସକୁ ମିଳିଛି ବଡ଼ ସଫଳତା। ୩ଟି ଡକାୟତି ଯୋଜନାକୁ ପଣ୍ଡ କରାଯାଇଥିବା ବେଳେ ୧୫ ଅଭିଯୁକ୍ତ ଗିରଫ ହୋଇଛନ୍ତି। ଟାଉନ ଥାନା, ତାଳବଣିଆ ଥାନା ଏବଂ କୁମ୍ଭାରପଡ଼ା ଥାନା ପ୍ରତ୍ୟେକ ୫ ଜଣ ଲେଖାଏ ଅଭିଯୁକ୍ତଙ୍କୁ ଗିରଫ କରିଛି। ସୋମବାର ରାତିରେ ୫/୬ ଜଣ ସନ୍ଦିଗ୍ଧ ବ୍ୟକ୍ତି ଭୁଦାନ ଜଙ୍ଗଲରେ ବିଭିନ୍ନ ମାରଣାସ୍ତ୍ର ସହ ଏକାଠି ହୋଇ ଡକାୟତି ଯୋଜନା କରୁଥିବା ତାଳବଣିଆ ପୁଲିସ ଖବର ପାଇଥିଲା। ଘଟଣାସ୍ଥଳରେ ପୁଲିସ ଚଢଉ କରି ୫ ଜଣଙ୍କୁ କାବୁ କରିଥିଲା। ଅଭିଯୁକ୍ତମାନେ ହେଲେ ଧୋବାଖାଲର ନବୀନା ସାହୁ, ବାଲିନୋଳିଆ ସାହିର ଲୋକନାଥ ସାହୁ, ପିକେ ଆରଆଇଟି କଲୋନୀର ପ୍ରତାପ ସାମଲ, ମାଟିଆପଡାର ସ୍ୱାଭିମାନ ନାୟକ, ରାମମନ୍ଦିର ସାଲବେଗ ବସ୍ତିର ମଣ୍ଟୁ ଜାଲି। ସେମାନଙ୍କଠାରୁ ଖଣ୍ଡା, ଭୁଜାଲି, ୩ଟି ଲୁହାରଡ, ୫ଟି ଖାଲି ବିୟର ବୋତଲ, ଟର୍ଚ୍ଚ ଜବତ କରାଯାଇଥିବା ବେଳେ ମଙ୍ଗଳବାର ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେହିପରି ସୋମବାର ନବକଳେବର ଲେବର ରୋଡସ୍ଥିତ ଦେବକୀ ହସ୍ପିଟାଲ ନିକଟରେ ବସି ଡକାୟତି ଯୋଜନା କରୁଥିବା ଖବର ପାଇ କୁମ୍ଭାରପଡ଼ା ପୁଲିସ ଚଢଉ କରି ୫ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ରାମଚଣ୍ଡୀ ସାହିର ଗଙ୍ଗାଧର ପ୍ରଧାନ, ଦିଲ୍ଲୀପ କୁମାର ମଲ୍ଲିକ, ବଳିଆପଣ୍ଡା ଗୌଡ଼ବାଡ଼ ସାହିର ଚନ୍ଦନ ଦାସ, ବଳିଆପଣ୍ଡା ବୁଢ଼ୀମା ସାହିର ସଞ୍ଜୟ ସାନ୍ୟାଲ, ବଳିଆପଣ୍ଡା ଗଜଲକ୍ଷ୍ମୀ ଲେନ୍‌ର ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ। ସେମାନଙ୍କ ନିକଟରୁ ଗୋଟିଏ ଖଣ୍ଡା, ଦୁଇଟି ଲୁହା ରଡ, ଗୋଟିଏ ଭୁଜାଲି, ଗୋଟିଏ ଛୁରୀ, ଦୁଇଟି ଖାଲି ବିଅର ବୋତଲ ଓ ଦିଆସିଲି ଖୋଳ ଜବତ କରାଯାଇଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅନ୍ୟପକ୍ଷରେ ସୋମବାର ରାତିରେ ଚକ୍ରକୋଟ ଲେନ୍‌ର ଏଶୋପନ୍ତୀ ଆଶ୍ରମ ନିକଟରେ ଚଢଉ କରି ଟାଉନ ଥାନା ପୁଲିସ ୫ ଜଣଙ୍କୁ ଗିରଫ କରିଥିଲା। ଅଭିଯୁକ୍ତମାନେ ହେଲେ ବଳିଆପଣ୍ଡା ମଙ୍ଗଳା ସାହିର ବିଦ୍ୟାଧର ସାହୁ, ବାସେଳିସାହି ହାତୀଗୁରୁଦେବ ସାହିର ବିଶ୍ୱନାଥ ମହାରଣା, ବଳିଆପଣ୍ଡା ଧବଳେଶ୍ୱର ସାହିର ବାପିନା ସାହୁ, ମାଟିତୋଟାର ସଙ୍ଗୀତ ବେହେରା ଓ ଟାଉନ ଥାନା ଦାଣ୍ଡିମାଳ ସାହିର ଦୁର୍ଗାପ୍ରସାଦ ସିଂହ। ସେମାନଙ୍କଠାରୁ ଗୋଟିଏ ଚାପଡ଼, ଦୁଇଟି ଲୁହାରଡ, ଲଙ୍କା ପ୍ୟାକେଟ ଜବତ କରାଯାଇଥିବା ବେଳେ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି।

# ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ନିର୍ମାଣ ଶ୍ରମିକ କଲ୍ୟାଣ ସମାରୋହ

ପୁରୀ,୧୧।୨(ସମିସ)



ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ସଂସ୍କୃତି ଭବନଠାରେ ଜିଲ୍ଲାସ୍ତରୀୟ ନିର୍ମାଣ ଶ୍ରମିକ କଲ୍ୟାଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିର୍ମାଣ ଶ୍ରମିକ ବୋର୍ଡ଼ ଦ୍ୱାରା ପଞ୍ଜୀକୃତ ହୋଇଥିବା ୯୮୬ ଜଣ କୋଠାବାଡି ଓ ନିର୍ମାଣ ଶ୍ରମିକଙ୍କୁ ୫ କୋଟି ୩୬ ଲକ୍ଷ ଟଙ୍କାର ସହାୟତା ରାଶି ବଣ୍ଟା ଯାଇଛି। ସେହିପରି ଅଣ ସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ୨ ଜଣଙ୍କୁ ୪ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଧାୟକ ସୁନିଲ ମହାନ୍ତି ପ୍ରତ୍ୟେକ ବ୍ଲକରେ ଏହି ସମାରୋହ କରିବା ଲାଗି ପ୍ରଶାସନକୁ ଅନୁରୋଧ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ଯୋଜନା ଅଛି ତାକୁ ଆମେ କାର୍ଯ୍ୟ କରିବା ଏବଂ ଲୋକମାନଙ୍କ ପାଖରେ ସଫଳ କାର୍ଯ୍ୟ ପହଞ୍ଚାଇବା ଲାଗି ଅଧିକାରୀଙ୍କୁ ପରାମର୍ଶ ଦେଉଥିଲେ।

ବୈଠକରେ ଜିଲ୍ଲା ଶ୍ରମ କମିଶନର ଚୌଧୁରୀ ପ୍ରତାପ ଜେନା, ଜିଲ୍ଲା ଶ୍ରମଅଧିକାରୀ ସମେତ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରଦୀପ୍ତ କୁମାର ସେନାପତି ପ୍ରମୁଖ ଯୋଗଦେଇଥିଲେ।

# ଅନ୍ନପୂର୍ଣ୍ଣାରେ 'ପୁନଶ୍ଚ ଦେବଦାସୀ' ମଞ୍ଚସ୍ଥ

ପୁରୀ,୧୧।୨(ସମିସ): ଆମ କବଚ ପରିବାରର ପ୍ରଥମ ସ୍ୱନକ୍ଷତ୍ର ଉତ୍ସବ ଓ ଦିବଂଗତ ନାଟ୍ୟକାର ସ୍ୱର୍ଗତ କୈଳାଶ ଶତପଥୀ ଓ ସ୍ୱର୍ଗତ ନିର୍ମଳ ଚନ୍ଦ୍ର ମିଶ୍ରଙ୍କ ସ୍ମୃତିରେ ଦୁଇଦିନ ଧରି ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପରିସରରେ ନାଟକ ପରିବେଷଣ କରାଯାଇଛି। ମଙ୍ଗଳବାର ଦ୍ୱିତୀୟ ସନ୍ଧ୍ୟାରେ ନାଟକ ଆରମ୍ଭରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ସେବାୟତ ଭଗବାନ ମହାସୁଆର ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଉପଦେଷ୍ଟା ମଣ୍ଡଳୀ ପ୍ରଦ୍ୟୁମ୍ନ କୁମାର ମିଶ୍ର, ଅନୁଷ୍ଠାନର ସଭାପତି ପ୍ରସନ୍ନ କୁମାର ମିଶ୍ର, ଉପ ସଭାପତି ଚକ୍ରଧର ମହାପାତ୍ର, ସମ୍ପାଦକ ସନ୍ତୋଷ କୁମାର ଜେନାମଣି, ଭରତ ନାୟକ, ଯାଦୁକର ବିଧୁ ଭୂଷଣ ନାୟକ ଯୋଗଦେଇଥିଲେ। ଏହି ଅବସରରେ ନାଟ୍ୟକାରମାନଙ୍କୁ ସ୍ମୃତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଆଜୀବନ କଳା ସାଧନ ଓ ଦିବଂଗତ ନାଟ୍ୟକାରମାନଙ୍କ ସ୍ମୃତିଫଳକ ସମର୍ପଣ କରାଯାଇଥିଲା। ଦ୍ୱିତୀୟ ସନ୍ଧ୍ୟାରେ ସ୍ୱର୍ଗତ ନିର୍ମଳ ମିଶ୍ରଙ୍କ ରଚିତ ନାଟକ "ପୁନଶ୍ଚ ଦେବଦାସୀ' ପରିବେଷଣ କରାଯାଇଥିଲା। ପ୍ରଦୀପ୍ତ କୁମାର ପ୍ରଧାନଙ୍କ ନିର୍ଦ୍ଦେଶିତ ଏହି ନାଟକର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ବିନୟ କୁମାର। ଏହି ଅବସରରେ ଦିବଂଗତ ନାଟ୍ୟକାର ନିର୍ମଳ ମିଶ୍ରଙ୍କ ସ୍ମୃତି ଫଳକ ତାଙ୍କର ସୁପୁତ୍ର ଶୁଭକାମ୍ ମିଶ୍ରଙ୍କୁ ପ୍ରଦାନ କରାଯାଇଥିବା ବେଳେ ପୂଜ୍ୟପୂଜା ଓ ପ୍ରତିଭା ପାଇଁ ନିର୍ମଳ ମିଶ୍ର ସ୍ମୃତି ସମ୍ମାନରେ ବରିଷ୍ଠ ଅଭିନେତା ମହେନ୍ଦ୍ର କୁମାର ଦାସ ଏବଂ ବହୁବିଧ ପ୍ରତିଭା ପାଇଁ ଆମ କବଚ ସମ୍ମାନରେ ପୂର୍ବତନ ପୌର ସଦସ୍ୟ ଶ୍ରୀକଣ୍ଠ ମିଶ୍ର, ବରିଷ୍ଠ ଅଭିନେତ୍ରୀ ମାମାଲି ମିଶ୍ର, ବରିଷ୍ଠ ଅଭିନେତା ବନମାଳୀ ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ସାଂସ୍କୃତିକ ସଙ୍ଗଠକ ଶ୍ୟାମ ପ୍ରକାଶ ସେନାପତି ସଞ୍ଚାଳନ କରିଥିଲେ। ରାମକୃଷ୍ଣ ମହାପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ ଭରତ ନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଓଡ଼ିଶା ଥ୍ରୋ' ବଲ୍ ଦଳକୁ ଶୁଭେଚ୍ଛା

ପୁରୀ,୧୧।୨(ସମିସ): ମଧ୍ୟ ପ୍ରଦେଶର ଭୋପାଳଠାରେ ଅନୁଷ୍ଠିତ ୪୬ତମ ଜାତୀୟ ଥ୍ରୋ ବଲ୍ ଚାମ୍ପିୟନଶିପ୍‌ରେ ଓଡ଼ିଶାର ଉଭୟ ପୁରୁଷ ଓ ମହିଳା ଦଳ କାଂସ୍ୟ ପଦକ ଜିତିଛନ୍ତି। ଉଭୟ ଦଳ ଓଡ଼ିଶାରେ ପହଞ୍ଚିବା ପରେ ରେଳ ଷ୍ଟେଶନ ସହ ଝାଡେଶ୍ୱରୀ କ୍ଲବ୍ ପରିସରରେ କ୍ଲବ୍‌ର ସମ୍ପାଦକ ପାର୍ଥସାରଥୀ ମହାପାତ୍ର, ଯୁବନେତା ମନୋଜ କୁମାର ବିଶୋଇ, ଓଡ଼ିଶା ଥ୍ରୋ ବଲ୍ ସମ୍ପାଦକ ଜୀତେନ୍ଦ୍ର ନାଥ ଦାସ ପ୍ରମୁଖ ସେମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଏହା ପୂର୍ବରୁ ଥ୍ରୋ ବଲ୍‌ର ଉଭୟ ଦଳ ଅନେକ ଥର ଓଡ଼ିଶା ପାଇଁ ବିଜୟ ପଦକ ହାସଲ କରିସାରିଛନ୍ତି। ତେଣୁ ସେମାନେ ତାଙ୍କର ବିଜୟ ଧାରାକୁ ଜାରି ରଖି ପୁଣିଥରେ ଓଡ଼ିଶା ପାଇଁ ଗର୍ବ ଗୌରବ ଆଣିଦେଇଛନ୍ତି। ଏ ନେଇ ଓଡ଼ିଶା ଥ୍ରୋ ବଲ୍ ସମ୍ପାଦକ ଜୀତେନ୍ଦ୍ର ନାଥ ଦାସ କହିଛନ୍ତି ଆଗାମୀ ଦିନରେ ଏହି ବିଜୟ ଧାରାକୁ ବଜାୟ ରଖିବା ପାଇଁ ନୂଆ ନୂଆ ଖେଳାଳିମାନଙ୍କ ସହ ଖେଳର କିଭଳି ପ୍ରଚାର ପ୍ରସାର ହେବ ସେଥିପାଇଁ ବିଶେଷ ଭାବେ ଧ୍ୟାନ ଦିଆଯିବ।

# ଏସ୍‌ସିଏସ୍ କଲେଜରେ ସୁରକ୍ଷିତ ଇଣ୍ଟରନେଟ୍ ଦିବସ ପାଳିତ




ପୁରୀ,୧୧।୨(ସମିସ)

ଏସ୍‌ସିଏସ୍ କଲେଜରେ ମଙ୍ଗଳବାର "ସୁରକ୍ଷିତ ଇଣ୍ଟରନେଟ୍ ଦିବସ" ସମ୍ପର୍କୀତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ଡ. ମିହିର ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପ୍ରଫେସର ମହେନ୍ଦ୍ର କୁମାର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ "ସୁରକ୍ଷିତ ଇଣ୍ଟରନେଟ୍ ଦିବସ' ପାଳନର ଆଭିମୁଖ୍ୟ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇଥିଲେ। ଅଧ୍ୟକ୍ଷ ପ୍ରଫେସର ମିଶ୍ର ସାଇବର ଅପରାଧ ଓ ସାଇବର ଠକମାନଙ୍କଠାରୁ ନିଜକୁ ସୁରକ୍ଷା ପ୍ରଦାନ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସାବଧାନତା ଅବଲମ୍ବନ କରିବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟଅତିଥି ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ ବିଶ୍ୱନାଥ ପଣ୍ଡା ସାଇବର ଅପରାଧଠାରୁ ଇଣ୍ଟରନେଟ୍ ବ୍ୟବହାରୀକାରୀମାନେ କିଭଳି ନିଜକୁ ସୁରକ୍ଷିତ ରଖିପାରିବେ ତାହାର ବୈଷୟିକ ସାବଧାନତା ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ତଥା ଅତିରିକ୍ତ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ ଦୁର୍ଗାପ୍ରସାଦ ଜେନା ସାଇବର ହାଇଜିନ୍ ପ୍ରାକ୍ଟିସ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ପ୍ରାଞ୍ଜଳ ଭାବେ ବୁଝାଇଥିଲେ। ଅନ୍ୟତମ ଅତିଥି ନାରାୟଣ ଚନ୍ଦ୍ର ମହାନ୍ତି କମନ ସାଇବର ଥ୍ରିଏଟ୍ସ ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ। ଶେଷରେ ଅନିରୁଦ୍ଧ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରାୟ ୧୨୦ ଜଣ ଛାତ୍ରଛାତ୍ରୀ ଏବଂ ୫୦ ଜଣ ଅଧ୍ୟାପକ ଯୋଗଦେଇଥିଲେ।

# କୋରେକ୍ସ ବିକ୍ରି; ଅଭିଯୁକ୍ତ ଗିରଫ

ପୁରୀ,୧୧।୨(ସମିସ): କୋରେକ୍ସ ବିକ୍ରି ଅଭିଯୋଗରେ ଟାଉନ ଥାନା ପୁଲିସ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ବାସେଳୀସାହି ଥାନା ଅଧୀନ ବଳଦେବ ସାହି ଅତିବଡି ନଗରର ଟୁଟୁ ମହାପାତ୍ର। ଅଭିଯୋଗ ଅନୁଯାୟୀ, ସୋମବାର ଅପରାହ୍ନରେ ଅଭିଯୁକ୍ତ ଦାମୋଦର ରୋଡ଼ ବ୍ୟାଟ୍ରିକ୍ସ ସ୍କୁଲ ନିକଟରେ ବେଆଇନ ଭାବେ କୋରେକ୍ସ ବେପାର କରୁଥିଲେ। ଖବର ପାଇ ଟାଉନ ଥାନା ପୋଲିସ ଚଢାଉ କରିଥିଲା। ଘଟଣାସ୍ଥଳରୁ ୪୦ ବୋତଲ କୋରେକ୍ସ ଏବଂ ୧୧,୫୦୦ ଟଙ୍କା ଜବତ କରିବା ସହିତ ଟୁଟୁକୁ ଗିରଫ କରିଥିଲା। ଏ ନେଇ ଏକ ମାମଲା (ନଂ.୫୭/୨୫) ରୁଜୁ କରାଯାଇ ମଙ୍ଗଳବାର ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି।

### ଆଇନ ସଚେତନତା ଶିବିର

# ଆଇନର ଉପଯୁକ୍ତ ଉପଯୋଗ କରିବା ଦରକାର

ପୁରୀ,୧୧।୨(ସମିସ)

ଆମ ରାଷ୍ଟ୍ର ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ପରିଚିତ। ଆଇନ ଆମ ସମସ୍ତଙ୍କ ପାଇଁ ସମାନ। ତେବେ ଅନେକ ସମୟରେ କାର୍ଯ୍ୟ କରୁଥିବା ବେଳେ ଆଇନ ସମ୍ପର୍କରେ ଧାରଣା ଅଭାବରୁ ଅସୁବିଧା ଦେଖା ଦେଇଥାଏ। ତେଣୁ ଆଇନକୁ ସଠିକ ଭାବେ ବୁଝିବା ସହ ଉପଯୁକ୍ତ ଉପଯୋଗ ପାଇଁ ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି ମତ ଦେଇଛନ୍ତି। ମଙ୍ଗଳବାର ଟାଉନ ହଲ୍‌ଠାରେ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ପୁରୀ ସଦର ବ୍ଲକସ୍ତରୀୟ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏହାକୁ ଉଦ୍‌ଘାଟକ ଓ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଧାୟକ ଶ୍ରୀ ମହାନ୍ତି ଶିଶୁଠାରୁ ବୟସ୍କ ବ୍ୟକ୍ତି ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ଆଇନରେ ବ୍ୟବସ୍ଥା ରହିଛି। ଶିଶୁ ଓ ମହିଳାମାନେ ସମାଜର ସମ୍ବେଦନଶୀଳ ଗୋଷ୍ଠୀ ହିସାବରେ ପରିଚିତ। ସେମାନେ ଶିକାର ହେଉଥିବା ଘଟଣାବଳୀକୁ ଅନୁଧ୍ୟାନ ସହ ଯେପରି ସେମାନଙ୍କୁ ଉପଯୁକ୍ତ ସୁରକ୍ଷା ଓ ସତର୍କ କରାଯାଇ ପାରିବ ସେ ସମ୍ପର୍କରେ ପ୍ରତ୍ୟେକ ସଚେତନ ହେବାକୁ ସେ ପରାମର୍ଶ ଦେଇଥିଲେ।




ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଜାଣିଲେ ଜିଣିବା ଭଳି ଆମେ ପ୍ରତ୍ୟେକ ଆଇନ ସମ୍ପର୍କରେ ସଚେତନ ହୋଇ ପଦକ୍ଷେପ ନେଲେ ଏକ ସୁସ୍ଥ ଓ ଶୃଙ୍ଖଳିତ ସମାଜ ଗଠନ ହୋଇ ପାରିବ ବୋଲି ମତ ଦେବା ସହ ନିଜ ଦାୟିତ୍ୱ ଓ କର୍ତ୍ତବ୍ୟ ସହ ସଚେତନ ହେବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଡିଏମ୍ଓ ଡା. ବିନୋଦ ବିହାରୀ ରଥ, ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଆକ୍ସନ ଏଡର ଜିଲ୍ଲା ସଂଯୋଜକ ରଞ୍ଜିତା ଦାସ, ପ୍ରୋଗ୍ରାମ ଅଫିସର ଚନ୍ଦ୍ର ପ୍ରଭା ଦେଇ, ସୁହାଗୀ ହେମ୍ବ୍ରମ, ସଦର ସିଡିପିଓ ଗୀତାଞ୍ଜଳି ନାୟକ, ମୁନିସିପାଲ୍ଟି ସିଡିପିଓ ବିନୋଦିନୀ ତ୍ରିପାଠୀ, ସୁପରଭାଇଜର ବାଲ୍ୟବତୀ ମହାନ୍ତି ପ୍ରମୁଖ ଯୋଗ ଦେଇ ଶିଶୁ ସୁରକ୍ଷା, ଶିଶୁ ଅଧିକାର, ମହିଳାମାନଙ୍କ ସୁରକ୍ଷା ଓ ଅଧିକାର, ଘରୋଇ ହିଂସା, ବୟସ୍କମାନଙ୍କୁ ସୁରକ୍ଷା ସମ୍ପର୍କରେ ଆଲୋଚନା କରିବା ସହ ଏହାର ସଠିକ ଉପଯୋଗ ଉପରେ ଗୁରୁତ୍ୱ ଦେଇଥିଲେ। ମୁଖ୍ୟ ଆଇନ ପରାମର୍ଶଦାତା ସୁଧୀର କୁମାର ଘୋଷ, ଆଇନ ସୁରକ୍ଷା ଅଧିକାରୀ ସନ୍ତୋଷ କୁମାର ସାହୁ ମାଷ୍ଟର ଟ୍ରେନର ଭାବେ ବିସ୍ତୃତ ସୂଚନା ଓ ତଥ୍ୟ ପ୍ରଦାନ କରି ପ୍ରଶିକ୍ଷଣ ଦେଇଥିଲେ। ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ଏଥିରେ ଅଧ୍ୟକ୍ଷତା କରିବା ସହ ସ୍ୱାଗତ ଓ ଶିବିର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ଅଙ୍ଗନବାଡ଼ି ସୁପରଭାଇଜର, ଅଙ୍ଗନବାଡି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଯୋଗଦେଇଥିଲେ।

# କଣାସ ଅଞ୍ଚଳରେ ଝାଡାବାନ୍ତି ଥମିଲା

କଣାସ,୧୧।୨(ସମିସ): କଣାସ ବ୍ଲକରେ ବ୍ୟାପିଥିବା ଝାଡ଼ାବାନ୍ତି ନିୟନ୍ତ୍ରଣ ହୋଇଛି। ଗତ ୫ ଦିନ ଧରି କୌଣସି ଜଣେ ହେଲେ ବ୍ୟକ୍ତି ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ନ ଥିବା ଜଣାପଡ଼ିଛି। ପ୍ରକାଶଥାଉକି ଗତ ଦୁଇ ମାସ ତଳୁ ବ୍ଲକର ଏକାଧିକ ଗ୍ରାମରେ ଦୟା ନଦୀର ଦୂଷିତ ଜଳ ବ୍ୟବହାର କରି ଝାଡ଼ାବାନ୍ତିରେ ୬ ଜଣ ପ୍ରାଣ ହରାଇଥିବା ବେଳେ ଶତାଧିକ ଆକ୍ରାନ୍ତ ହୋଇଥିଲେ। ଡିସେମ୍ବର ମାସ ପ୍ରଥମ ସପ୍ତହରୁ ଗଡିଶାଗୋଡା ପଞ୍ଚାୟତର ନୂଆଗାଁ ଗ୍ରାମରେ ଝାଡାବାନ୍ତି ଆରମ୍ଭ ହୋଇ ତିନି ଜଣ ବ୍ୟକ୍ତି ପ୍ରାଣ ହରାଇଥିବା ବେଳେ ପାଖ ଗ୍ରାମ ନଈକୂଳପାଟଣାରେ ଜଣେ ଓ ଗୋପୀନାଥପୁର ପଞ୍ଚାୟତର ଜାଗୁଲାଇପଦର ଗ୍ରାମର ଜଣଙ୍କର ମୃତ୍ୟୁ ହୋଇଥିଲା। ଝାଡ଼ାବାନ୍ତି ପ୍ରାଦୁର୍ଭାବ ପାଖ ଗ୍ରାମ କଳାପଦର, ଗୋପୀନାଥପୁର, ପାଇକମରା, ହରିହରପାଟଣା, ଯାମଳଗୋଦା, ଗଡିଶାଗୋଦା ପ୍ରଭୃତି ଆଖପାଖକୁ ବ୍ୟାପିଥିଲା। ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦୟା ନଦୀ କୂଳରେ ଥିବା ୪୨ଟି ଗ୍ରାମକୁ ନଦୀ ଜଳ ବ୍ୟବହାର ନ କରିବାକୁ ନିର୍ଦ୍ଦେଶ ଦେବା ସହିତ ଝାଡାବାନ୍ତି ପ୍ରବଣ ଗ୍ରାମକୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଇଥିଲେ। ଅପରପକ୍ଷରେ ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲାଯାଇ ରୋଗୀଙ୍କ ଚିକିତ୍ସା କରାଯିବା ସହ ଗାଁକୁ ଗାଁ ବୁଲି ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ସହ ଲୋକଙ୍କୁ ସଚେତନ କରିଥିଲେ।

# କାଗଜପତ୍ରରେ ମନରେଗା; ବାସ୍ତବରେ ଜେସିବି କରୁଛି କାମ

ଗମ୍ଭାରୀପଦା,୧୧।୨(ସମିସ): କାକଟପୁର ବ୍ଲକର କୁଣ୍ଢେଇ ପଞ୍ଚାୟତ ପାଟପୁର ବାଗୀସାହି ଶଶ୍ମାନଘାଟ ରାସ୍ତା ପାଇଁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଜିଆରଏସଙ୍କ ମିଳିତ ଉଦ୍ୟମରେ ମଷ୍ଟର ରୋଲ୍ ବାହାର କରାଯାଇ ଜେସିବି ସାହାଯ୍ୟରେ ଖାଲଢିପ ରାସ୍ତା ସମତୁଲ ଓ ଅନାବନା ଗୁଳ୍ମ ସଫା କରାଯାଉଥିବା ଅଭିଯୋଗ ଆଣିଛନ୍ତି ପଞ୍ଚାୟତ ବାସିନ୍ଦା। ସେମାନଙ୍କ ଅଭିଯୋଗ ଅନୁଯାୟୀ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଶ୍ରମିକ ମାନଙ୍କ ଦ୍ୱାରା କରାଯିବାକୁ ଥିବା କାମ ବିଭାଗୀୟ ଅଧିକାରୀମାନେ ସ୍ଥାନୀୟ ନିର୍ବାଚିତ ପ୍ରତିନିଧିଙ୍କ ପ୍ରରୋଚନାରେ ମେସିନ ଦ୍ୱାରା କାମ କରାଉଛନ୍ତି। ହେଲେ ସେମାନେ ତଞ୍ଚକତା କରି ନିଜର କିଛି ସମର୍ଥକଙ୍କୁ ଶ୍ରମିକ ଭାବେ ଦର୍ଶାଇ ସେମାନଙ୍କ ଜବ କାର୍ଡ ମାଧ୍ୟମରେ ସରକାରୀ ଟଙ୍କାକୁ ହରିଲୁଟ କରାଯାଉଛି। ବ୍ଲକ ଏପିଓଙ୍କୁ ପଚାରିବାରେ ସେ କୁହନ୍ତି ଯେ ଶ୍ରମିକଙ୍କ ଉପସ୍ଥାନ ନିଆଯାଇନାହିଁ। କାର୍ଯ୍ୟ ଶେଷ ହେଲେ ପିଇଓ ଓ ଯନ୍ତ୍ରୀଙ୍କ ରିପୋର୍ଟ ମୁତାବକ ଶ୍ରମିକଙ୍କ ଉପସ୍ଥାନ ନିଆଯିବ। ଏଥିପ୍ରତି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ଜିଲ୍ଲାପାଳ ଦୃଷ୍ଟି ଦେଇ ଏହାର ବିଧିବଦ୍ଧ ତଦନ୍ତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# କାର୍ ଧକ୍କାରେ ଛାତ୍ରଙ୍କ ମୃତ୍ୟୁ

## ଉତ୍ତ୍ୟକ୍ତ ଲୋକଙ୍କ ଜାତୀୟ ରାଜପଥ ଅବରୋଧ



ସାକ୍ଷୀଗୋପାଳ,୧୧।୨(ସମିସ): ସତ୍ୟବାଦୀ ଥାନା କାଦୁଅ ଛକଠାରେ ମଙ୍ଗଳବାର ସକାଳ ୭ଟା ବେଳେ ଏକ କାର ଧକ୍କାରେ ଜଣେ ସ୍କୁଲ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଦିବ୍ୟ ରଞ୍ଜନ ଭୋଳ (ବାବୁନା, ୧୩)। ଚନ୍ଦନପୁର ଥାନା ଅରେଇପଡ଼ାର ଗଙ୍ଗାଧର ଭୋଳଙ୍କ ପୁଅ ବାବୁନା ସତ୍ୟବାଦୀ ଥାନା ଅନ୍ତର୍ଗତ ଭଟପୁର ରାଉତ ସାହିରେ ମାମୁଁ ଘରେ ରହି ଅଷ୍ଟମ ଶ୍ରେଣୀରେ ପାଠ ପଢୁଥିଲେ। ସେ ଆଜି ସାକ୍ଷୀଗୋପାଳ କଲେଜ ଛକରୁ ଜଳଖିଆ ଖାଇ ଘରକୁ ଫେରୁଥିବା ସମୟରେ ୩୧୬ନଂ ଜାତୀୟ ରାଜପଥରେ କାଦୁଅ ଛକଠାରେ ପୁରୀରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ କାର ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ବାବୁନାଙ୍କୁ ପ୍ରଥମେ ସାକ୍ଷୀଗୋପାଳ ମେଡିକାଲ ଓ ପରେ ପୁରୀ ଓ ଶେଷରେ ଭୁବନେଶ୍ୱର ସମ ହସ୍ପିଟାଲ ନେବା ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ସ୍ଥାନୀୟ ଲୋକେ ଜାତୀୟ ରାଜପଥ ଅବରୋଧ କରିଥିଲେ। ସ୍ଥାନୀୟ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାସୁଝା କରାଇଥିଲେ। ପୁଲିସ ଦୁର୍ଘଟଣା ଘଟାଇଥିବା କାର ଜବତ କରିବା ସହ ଗାଡିର ଡ୍ରାଇଭର ମାନସ ସାହୁ ଅଟକ ରଖିଛି। ମୃତକଙ୍କ ପିତା ଗଙ୍ଗାଧରଙ୍କ ଅଭିଯୋଗ କ୍ରମେ ସତ୍ୟବାଦୀ ଥାନାରେ ଏକ ମକଦ୍ଦମା ରୁଜୁ ହୋଇଛି। ଏସଆଇ ପ୍ରିୟତମା ପ୍ରଧାନ ଦୁର୍ଘଟଣାର ତଦନ୍ତ କରିବା ସହ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି।

# ୬ ଦଫା ଦାବି ନେଇ ସିପିଆଇ(ଏମ୍) ର ବିକ୍ଷୋଭ



କୃଷ୍ଣପ୍ରସାଦ,୧୧।୨(ସମିସ): ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକରେ ଲୋକମାନଙ୍କର ସମସ୍ୟାକୁ ନେଇ ସିପିଆଇ(ଏମ) କୃଷ୍ଣପ୍ରସାଦ ଆଞ୍ଚଳିକ କମିଟି ପକ୍ଷରୁ କୃଷ୍ଣପ୍ରସାଦ ତହସିଲ ସମ୍ମୁଖରେ ଏକ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଛକ ଠାରୁ ଏକ ଶୋଭାଯାତ୍ରା ବାହାରି ୬ ଦଫା ଦାବି ନେଇ ବିଭିନ୍ନ ସ୍ଲୋଗାନ ଦେଇ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପହଁଚିଥିଲେ। ଡବଲ ଇଞ୍ଜିନ ସରକାର କାର୍ଯ୍ୟ କରୁଥିଲେ ମଧ୍ୟ ଅଦିନିଆ ବର୍ଷାରେ ଚାଷୀ ଓ ଭାଗ ଚାଷୀଙ୍କ ପାଇଁ କ୍ଷତିପୂରଣ, ଖାଦ୍ୟ ଦ୍ରବ୍ୟର ଦରଦାମ ନିୟନ୍ତ୍ରଣ, ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ମାସିକ ୩୫୦୦ ଟଙ୍କା, ସମସ୍ତ ଉପଭୋକ୍ତାଙ୍କୁ ୩୦୦ ୟୁନିଟ ମାଗଣା ବିଦ୍ୟୁତ ପ୍ରଦାନ, ଚିଟଫଣ୍ଡ କ୍ଷତିଗ୍ରସ୍ତଙ୍କୁ ସେମାନଙ୍କ ଅର୍ଥରାଶି ପ୍ରଦାନ ଦାବି ଉପସ୍ଥାପିତ କରିଥିଲେ। ସିପିଆଇଏମ ଆଞ୍ଚଳିକ କମିଟି ସମ୍ପାଦକ ତଥା ବିକ୍ଷୋଭର ସଭାପତି ଉମାକାନ୍ତ ଜେନାଙ୍କ ନେତୃତ୍ୱରେ ଜିଲ୍ଲାପାଳ ଏବଂ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ କୃଷ୍ଣପ୍ରସାଦ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ଦିଗରେ କୃଷ୍ଣପ୍ରସାଦ ଥାନା ଆଇଆଇସି ଭାବଗ୍ରାହୀ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସବଇନ୍ସପେକ୍ଟର ସୁଜିତ କୁମାର ସାହୁଙ୍କ ସମେତ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା।

● ପାନଚାଷୀଙ୍କ ରାଜ୍ୟସ୍ତରୀୟ ସମ୍ମିଳନୀ ଉଦ୍‌ଘାଟିତ

# ପାନପତ୍ରକୁ ଜାତୀୟ ପତ୍ର ମାନ୍ୟତା ଦାବି

କୁଣ୍ଢେଇ,୧୧।୨(ସମିସ): ଅଖିଳ ଭାରତ ପାନ ଚାଷୀ ସଙ୍ଘ ଓଡ଼ିଶା ଶାଖା ପକ୍ଷରୁ ରାଜ୍ୟସ୍ତରୀୟ ସମ୍ମିଳନୀ କାକଟପୁର ବ୍ଲକ ଅଧିନସ୍ଥ କୁଣ୍ଢେଇହାଟ ଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଗୋଲେଖ ନାୟକ ଓ ଦୁର୍ଯ୍ୟୋଧନ ପ୍ରଧାନଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ ଏହି ସମ୍ମିଳନୀକୁ ପରିଚାଳନା କରିଥିବା ବେଳେ ଶଶୀଭୂଷଣ ସ୍ୱାଇଁ ସମ୍ମିଳନୀକୁ ଉଦଘାଟନ କରିଥିଲେ। ଅଖିଳ ଭାରତ ପାନ ଚାଷୀ ସଙ୍ଘର ଜାତୀୟ ଉପସଭାପତି ଆଶିଷ କାନୁନଗୋ ପାନ ଚାଷୀମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବା ସହିତ ପାନ ପତ୍ରକୁ ଜାତୀୟ ପତ୍ର ଘୋଷଣା କରିବା, ପାନ ଚାଷୀଙ୍କୁ ଚାଷୀର ମାନ୍ୟତା ସହ ପେନସନ ୬ ହଜାର ଟଙ୍କା, ପାନ ପତ୍ରକୁ ଅଧିକ ଦିନ ସଂରକ୍ଷଣ ରଖିବା ପାଇଁ ଶୀତଳ ଭଣ୍ଡାରର ନିର୍ମାଣ, ଗୁଟଖା କମ୍ପାନୀକୁ ବନ୍ଦ କରି ବିନା ସୁଧରେ ପାନ ଚାଷୀଙ୍କୁ ଋଣ ପ୍ରଦାନ, ପାନରୁ ପାନୀୟ ପ୍ରସ୍ତୁତ ପାଇଁ ଅଧିକ ଗବେଷଣା କରାଯାଉ ବୋଲି ୧୦ ଦଫା ଦାବି ନେଇ ଶ୍ରୀ କାନୁନଗୋ ସଭାରେ ଉପସ୍ଥାପିତ କରିଥିଲେ। ଏହି ସମ୍ମିଳନୀରେ ପ୍ରଦୀପ ମହାନ୍ତି, କୃଷ୍ଣ ରାଉତ, ଦେବେନ୍ଦ୍ର ସାହୁ, ଅରୁଣ ଜେନା, ବିପିନ ରାଉତ, ପ୍ରମୋଦ କୁମାର ନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସମ୍ମିଳନୀରେ ଦୁର୍ଯ୍ୟୋଧନ ପ୍ରଧାନ ଓ ତରୁଣ ନାୟକଙ୍କୁ ସଙ୍ଘର ରାଜ୍ୟ ସଭାପତି ଓ ସମ୍ପାଦକ ଭାବେ ନିର୍ବାଚିତ କରାଯାଇଛି।

# ବାର୍ଷିକ ପୁରସ୍କାର ବିତରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ



କାକଟପୁର,୧୧।୨(ସମିସ): କାକଟପୁର ସରକାରୀ ବାଳିକା ସଂଯୁକ୍ତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଓ ସାଂସ୍କୃତିକ ଉତ୍ସବ ସ୍କୁଲ ପରିସରରେ ପ୍ରଧାନଶିକ୍ଷକ ଲକ୍ଷ୍ମୀଧର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି କାକଟପୁର ଗୋଷ୍ଠୀ ଶିକ୍ଷାଧିକାରୀ ଦିଲ୍ଲିପ କୁମାର ଜେନା, ମୁଖ୍ୟବକ୍ତା ବରିଷ୍ଠ ପ୍ରଶାସନିକ ଅଧିକାରୀ ତଥା କବି ପ୍ରଭାତ କୁମାର ତରାଇ, ସମ୍ମାନିତ ଅତିଥି ଅବସରପ୍ରାପ୍ତ ପ୍ରାଧ୍ୟାପକ ଭ୍ରମର ପଢିହାରୀ, ଅବସରପ୍ରାପ୍ତ ଶିକ୍ଷକ ରମେଶ ଚନ୍ଦ୍ର ବିଶ୍ୱାଳ, ପ୍ରଧାନଶିକ୍ଷକ ବିଚିତ୍ରାନନ୍ଦ ରଥ, ସ୍କୁଲ ଆଲୁମିନା ସଭାନେତ୍ରୀ ଦିପ୍ତୀ ମହାନ୍ତି, ଅବସରପ୍ରାପ୍ତ ସହ ଶିକ୍ଷାଧିକାରିଣୀ ପଙ୍କଜିନୀ ଦେଇ, ଦୁର୍ଗାପ୍ରସାଦ ଦାଶ ସିଆରସିସି ପ୍ରମୁଖ ଉପସ୍ଥିତ ଥିଲେ। ସ୍କୁଲର ବାର୍ଷିକ କ୍ରୀଡା ପ୍ରତିଯୋଗିତାର ବିଭିନ୍ନ ବର୍ଗରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯିବା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷକ ବିଶ୍ୱଜିତ ସ୍ୱାଇଁ ମଞ୍ଚ ପରିଚାଳନା କରିଥିବାବେଳେ ଶିକ୍ଷାନୁଷ୍ଠାନର ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ୫୫ତମ ବାର୍ଷିକ ଶ୍ରୀମଦ୍ ଭଗବତ୍ ଗୀତା ଯଜ୍ଞ

ଚାରିଛକ,୧୧।୨(ସମିସ): ଚାରିଛକ ନିକଟସ୍ଥ ତିନ୍ତୁଳିଗୁଆଁ ଗ୍ରାମର ଗ୍ରାମଦେବତୀ ମା' ଭଗବତୀ ଠାକୁରାଣୀ ଅଷ୍ଟଭୂଜା ଦୁର୍ଗା ମନ୍ଦିରଠାରେ ୫୫ତମ ବାର୍ଷିକ ଶ୍ରୀମଦ୍ ଭଗବତ୍ ଗୀତା ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଗୀତା ଯଜ୍ଞ ପୂଜା ଦୁଇ ଦିନ ଧରି ଅନୁଷ୍ଠିତ ହୋଇଥିଲା। ଏହି ଗୀତା ଯଜ୍ଞ ପୂଜା କର୍ମରେ ପ୍ରଥମ ଦିନରେ ପଣ୍ଡିତ ରତ୍ନାକର ମିଶ୍ର ଓ ନିରଞ୍ଜନ ମିଶ୍ର ପୂଜା କାର୍ଯ୍ୟ କରିଥିବା ବେଳେ ଶେଷ ଦିନ ପଣ୍ଡିତ କ୍ଷୀରୋଦ ମିଶ୍ର ପୂର୍ଣ୍ଣାହୂତି କାର୍ଯ୍ୟ ସମାପନ କରିଥିଲେ। ଗ୍ରାମର ପ୍ରେମାନନ୍ଦ ତ୍ରିପାଠୀ କର୍ତ୍ତା ହୋଇ ବସିଥିଲେ। ଏହି ଗୀତା ଯଜ୍ଞରେ ଗ୍ରାମର ୧୭ ଜଣିଆ କମିଟି ସଦସ୍ୟଙ୍କ ଦ୍ୱାରା ପୂଜା କାର୍ଯ୍ୟ ହୋଇଥିଲା। ଏହି ଗୀତା ଯଜ୍ଞକୁ ତିନ୍ତୁଳିଗୁଆଁ ଓ ଆଖପାଖ ଅଞ୍ଚଳରୁ ଶ୍ରଦ୍ଧାଳୁମାନେ ଆସି ଯଜ୍ଞ ଆଳତି ଦର୍ଶନ କରିଥିଲେ।

# ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ

ସାକ୍ଷୀଗୋପାଳ,୧୧।୨(ସମିସ): ସତ୍ୟବାଦୀ ବ୍ଲକ ପରିସରରେ ମହିଳା ଓ ଶିଶୁମାନଙ୍କ ପାଇଁ ଏକ ବ୍ଲକସ୍ତରୀୟ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସତ୍ୟବାଦୀ ବ୍ଲକର ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଆୟୋଜିତ ଏହି ଶିବିରରେ ମହିଳା ଓ ବାଲ୍ୟ ବିବାହ, ଯୌନ ଶୋଷଣ ଆଦି ସମ୍ପର୍କରେ ଆଲେଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଙ୍ଗନୱାଡି କର୍ମୀ, ଆଶା ଦିଦି, ମିଶନଶକ୍ତି ମା' ମାନଙ୍କ ସହିତ ବିଭିନ୍ନ ମହିଳା ଓ ସୁଭଦ୍ରା କମିଟିର ସଦସ୍ୟାମାନେ ଉପସ୍ଥିତ ରହିଥିଲେ। ସତ୍ୟବାଦୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଡିଓ ଦେବାଶୀଷ ନାୟକ, ଶିଶୁ ମଙ୍ଗଳ କମିଟି ପୁରୀର ଅଧ୍ୟକ୍ଷ ଅଜିତ ମହାପାତ୍ର, ଆଇନଜୀବୀ ତଥା ଶିଶୁ ମଙ୍ଗଳ କମିଟିର ସଦସ୍ୟ ଉପେନ୍ଦ୍ର ବିଶ୍ୱାଳ ଓ ଜିଲ୍ଲା ପରିଷଦ ସଭ୍ୟା ବିଷ୍ଣୁପିୟା ବରାଳ ପ୍ରମୁଖ ଯୋଗ ଦେଇଥିଲେ। ସିଡିପିଓ ରାଜଲକ୍ଷ୍ମୀ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



# ଭୋଦର ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ



ଚାରିଛକ,୧୧।୨(ସମିସ): ନିମାପଡା ବ୍ଲକ ଅନ୍ତର୍ଗତ ଚାରିଛକ ନିକଟସ୍ଥ ଭୋଦର ଗ୍ରାମର ରାଧାମାଧବ ଜୀଉଙ୍କ ପ୍ରାଙ୍ଗଣରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ଅଷ୍ଟମପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କ ଦ୍ୱାରା ଆୟୋଜିତ ଅଷ୍ଟମପ୍ରହର ନାମଯଜ୍ଞରେ ମୁଖ୍ୟ କର୍ତ୍ତା ଭାବେ ଦେବ ପ୍ରସାଦ ଦାଶ ପୂଜାରେ ଯୋଗ ଦେଇଥିଲେ। ନିକଟସ୍ଥ କଡକିଆ ପୁଷ୍କରିଣୀରୁ ଜଳ କଳସ ଆଣି ପୂଜା ମଣ୍ଡପରେ ସ୍ଥାପନ କରାଯାଇଥିଲା। ପୂଜକ ପ୍ରଭାତ ଘୋଷାଲ ଓ ସାଥିମାନଙ୍କ ଦ୍ୱାରା ପୂଜାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ବିଭିନ୍ନ ଅଞ୍ଚଳରୁ ୧୦ରୁ ଊର୍ଦ୍ଧ୍ୱ ସୁନାମଧନ୍ୟ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ନାମ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ବାଲୁଙ୍କ ଗ୍ରାମର ମହିଳା ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ପରିବେଷଣ ଅତି ଉଚ୍ଚକୋଟୀର ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବଜାରର ସମସ୍ତ ବ୍ୟବସାୟୀ ପୂର୍ଣ୍ଣ ସହଯୋଗ କରିଥିଲେ।

# ପଣ୍ଡିତ ଦିନଦୟାଲଙ୍କ ପୂଣ୍ୟତିଥି ପାଳିତ

ଚାରିଛକ,୧୧।୨(ସମିସ): ଚାରିଛକସ୍ଥିତ ଏକାନ୍ତ ଆଶ୍ରମ ପରିସରରେ ଚାରିଛକ ମଣ୍ଡଳ ବିଜେପି ପକ୍ଷରୁ ମଙ୍ଗଳବାର ପଣ୍ଡିତ ଦିନଦୟାଲ ଉପାଧ୍ୟାୟଙ୍କ ପୂଣ୍ୟତିଥି ପାଳିତ ହୋଇଯାଇଛି। ଏହି ଅବସରରେ ଚାରିଛକ ମଣ୍ଡଳ ନୂତନ ସଭାପତି ପ୍ରଭାତ କୁମାର ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସାଂସଦଙ୍କ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ସାଧାରଣ ସମ୍ପାଦକ ଦୁର୍ଯ୍ୟୋଧନ ମହାନ୍ତି, କୈଳାଶ ଚନ୍ଦ୍ର କର, ଯୁବନେତା ଜ୍ୟୋତି ରଞ୍ଜନ ପାତ୍ର, ଦୁଃଖିଶ୍ୟାମ ସ୍ୱାଇଁ, କୃଷ୍ଣଚନ୍ଦ୍ର ନାୟକ, ସଂଜୟ ବାରିକ, ଗୁଣନିଧି ମୁଦୁଲି, ବ୍ରଜ କିଶୋର ନାୟକଙ୍କ ସମେତ ଶତାଧିକ କର୍ମୀ ଓ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## କୃଷିମେଳା ଓ ପ୍ରଦର୍ଶନୀ

# ଉନ୍ନତ ଚାଷ କୌଶଳ ନେଇ ଚାଷୀଙ୍କୁ ପରାମର୍ଶ



ବଳଙ୍ଗା,୧୧।୨(ସମିସ): ବଳଙ୍ଗା ଥାନା ଅନ୍ତର୍ଗତ ବଳଙ୍ଗାଠାରେ ଚାଷୀ ଭାଇ ଓ ଭଉଣୀ ମାନଙ୍କ ପାଇଁ ଏକ କୃଷକ ମେଳା ଓ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଓଡିଶା କୃଷି ଓ ବୈଷୟିକ ମହାବିଦ୍ୟାଳୟ ଏବଂ ସାକ୍ଷୀଗୋପାଳ ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମକୁ ନିମାପଡ଼ା ବ୍ଲକ ଉପାଧ୍ୟକ୍ଷା ଅନୁସୂୟା ମହାନ୍ତି ମୁଖ୍ୟଅତିଥି ଭାବରେ ଯୋଗ ଦେଇ ଉଦଘାଟନ କରିଥିଲେ। ଚାରିଶହରୁ ଊର୍ଦ୍ଧ୍ୱ ଚାଷୀ ଭାଇ ଭଉଣୀ ଯୋଗଦେଇ ଜମି ପ୍ରସ୍ତୁତିରୁ ଆରମ୍ଭ କରି ଖାଦ୍ୟ ପ୍ରକ୍ରିୟାକରଣରେ ବ୍ୟବହୃତ ହେଉଥିବା ବିଭିନ୍ନ ଯନ୍ତ୍ରପାତି ବିଷୟରେ ଅବଗତ ହୋଇଥିଲେ। ଅନୁଷ୍ଠିତ କୃଷକ-ବୈଜ୍ଞାନିକ ଆଲୋଚନାଚକ୍ରରେ କୃଷି ଯାନ୍ତ୍ରିକ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ସଞ୍ଜୟ କୁମାର ଦାସ ସଭାପତିତ୍ୱ କରିଥିଲେ। ଓୟୁଏଟି ଭୁବନେଶ୍ୱର ଗବେଷଣା ପ୍ରକଳ୍ପର ବୈଜ୍ଞାନିକ ଡଃ ଅଜୟ କୁମାର ଦାସ, ଡଃ ମାର୍କଣ୍ଡେୟ ମହାପାତ୍ର, ଡଃ ଉମାଶଙ୍କର ପାଲ, ଡଃ ନିହାର ରଂଜନ ସାହୁ, ଡଃ ପ୍ରଦିପ କୁମାର ସାହୁ, ଡଃ ପାର୍ଥ ସ୍ୱାଇଁ, ଡଃ ଦେବଦତ୍ତ ସେଠୀ ପ୍ରମୁଖ ଯୋଗଦେଇ ଉନ୍ନତ ଚାଷ କୌଶଳ, ଖାଦ୍ୟଦ୍ରବ୍ୟ ସଂରକ୍ଷଣ, ପ୍ରକ୍ରିୟାକରଣ, ଶ୍ରମ ଲାଘବ ଓ କୃଷି ଯନ୍ତ୍ରପାତି ବିଷୟରେ ଚାଷୀ ମାନଙ୍କୁ ଅବଗତ କରାଇଥିଲେ। ଏହା ସହିତ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡଃ ସୂର୍ଯ୍ୟନାରାୟଣ ମିଶ୍ର କେନ୍ଦ୍ରର କାର୍ଯ୍ୟକ୍ରମ ବିଷୟରେ ଚାଷୀ ମାନଙ୍କୁ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଭାରତୀୟ ଷ୍ଟେଟବ୍ୟାଙ୍କ ବଳଙ୍ଗା ଶାଖା ପରିଚାଳକ ତୁଷାରକାନ୍ତି ଦାଶ ବ୍ୟାଙ୍କ୍ ସହାୟତାରେ କୃଷି ଉଦ୍ୟୋଗୀ କରଣ କରିବା ପାଇଁ ପ୍ରୋତ୍ସାହନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଳଙ୍ଗା ସରପଞ୍ଚ ଅଞ୍ଜଳି ପ୍ରଧାନ, ସମିତି ସଭ୍ୟ ପ୍ରକାଶ ସାହୁ ଅତିଥି ଭାବରେ ଯୋଗଦାନ କରିଥିଲେ। ଶିୱାନି କୃଷକ ଉତ୍ପାଦକ ଗୋଷ୍ଠୀର ନିର୍ଦ୍ଦେଶିକା ଗୌରୀପ୍ରିୟା ମହାପାତ୍ର। ଏହି କାର୍ଯ୍ୟକ୍ରମରେ ଚାଷୀ ଭାଇ ଭଉଣୀମାନଙ୍କୁ ଶ୍ରମ ଲାଘବ ଉପକରଣ ବଣ୍ଟନ କରାଯାଇଥିଲା। କୃଷି ବିଜ୍ଞାନ କେନ୍ଦ୍ରର କୃଷି ଯନ୍ତ୍ରପାତି ବୈଜ୍ଞାନିକ ଡଃ ଦୀପଶିଖା ପରମଜିତା ସ୍ୱାଗତ ଭାଷଣ ଦେଇଥିବା ବେଳେ ବୈଜ୍ଞାନିକ ଡଃ ଉମାଶଙ୍କର ପାଲ ଧନ୍ୟବାଦ ଅର୍ପଣ କରିଥିଲେ।

# କାଳିଜାଇଙ୍କ ମନ୍ଦିର ପରିସର ସଫେଇ



କୃଷ୍ଣପ୍ରସାଦ,୧୧।୨(ସମିସ): ଓଡିଶା ଇକୋ ଟୁରିଜିମ ଫାଉଣ୍ଡେସନ ତରଫରୁ ଚିଲିକାର ଅଧିଷ୍ଠାତ୍ରୀ ଠାକୁରାଣୀ ମାଆ କାଳୀଜାଇଙ୍କ ପୀଠରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡିଶା ଇକୋ ଟୁରିଜିମ ଫାଉଣ୍ଡେସନର ସଭାପତି ଯୁଗବ୍ରତ କରଙ୍କ ନେତୃତ୍ୱରେ ପ୍ଲାଷ୍ଟିକ୍ ମୁକ୍ତ ଚିଲିକା ଗଠନ, ଇରାୱାଡି ଡ଼ଲଫିନ ସୁରକ୍ଷା, ପକ୍ଷୀ ସୁରକ୍ଷା ପାଇଁ ଏକ ବିଶାଳ ସମାବେଶ ଅୟମାରମ୍ଭ ହୋଇଛି। ପ୍ଲାଷ୍ଟିକ୍ ପଲିଥିନ ଅଧୁନା ଚିଲିକା ପାଇଁ ମୁଣ୍ଡବିନ୍ଧାର କାରଣ ସାଜିଛି। ବହୁଳ ପ୍ଲାଷ୍ଟିକ୍ ପଲିଥିନ ବ୍ୟବହାର ଦ୍ୱାରା ପରିବେଶ ପ୍ରଦୂଷିତ ହେବା ସହ ଜଳଜୀବ ମୃତ୍ୟୁ ମୁଖରେ ପଡୁଛନ୍ତି। ତେଣୁ ପ୍ଲାଷ୍ଟିକ୍ ମୁକ୍ତ ଚିଲିକା ଗଠନ ନିମନ୍ତେ ସ୍ଥାନୀୟ ଲୋକ ଓ ପର୍ଯ୍ୟଟକଙ୍କୁ ସଚେତନତା କରାଯାଇଅଛି। ସ୍ଥାନୀୟ ଓ ବିଦେଶାଗତ ପକ୍ଷୀଙ୍କ କଳରବରେ ଚିଲିକାର ଶୋଭାକୁ ଦ୍ୱିଗୁଣିତ କରୁଛି। ଏହି ପରିପ୍ରେକ୍ଷୀରେ ପକ୍ଷୀ ସୁରକ୍ଷିତ ରହିଲେ ନିଶ୍ଚିତ ରୂପେ ପର୍ଯ୍ୟଟକଙ୍କ ସମାଗମ ହେବ। ମୁଖ୍ୟ ଆକର୍ଷଣ ଚିଲିକା ଇରାୱାଡି ଡ଼ଲଫିନ ସଦାସର୍ବଦା ପର୍ଯ୍ୟଟକଙ୍କ ମନ ମୋହୁଛି ଯଦ୍ୱାରା ଚିଲିକାକୁ ପର୍ଯ୍ୟଟକଙ୍କ ସୁଅ ଛୁଟୁଛି। ସ୍ଥାନୀୟ ଲୋକଙ୍କ ଅର୍ଥନୈତିକ ଅଭିବୃଦ୍ଧି ଘଟୁଛି ତେଣୁ ସଭିଏଁ ଏକ ହେବା ଡ଼ଲଫିନ ସୁରକ୍ଷା କରିବା। ଯାହା ଅତୀତ ନ ହୋଇ ଭବିଷ୍ୟତ ପୀଢ଼ି ପାଇଁ ବଞ୍ଚି ରହିବ। ଉକ୍ତ କାର୍ଯ୍ୟକ୍ରମରେ ଶତାଧିକ ସ୍ୱେଚ୍ଛାସେବୀ, ଡ଼ଲଫିନ ସାଥି ସମେତ ସାତପଡ଼ା, ଆଲୁପାଟଣା, ଗଙ୍ଗାଧରପୁର, ରାୟପୁର, ଗବକୁଣ୍ଡ ଓ ମିର୍ଜାପୁର ମୋଟର ବୋଟ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସଂଯୋଜକ ଅନୁଜ ବେହେରା ଓ ସାମାଜିକ କର୍ମୀ ଆଶିଷ କୁମାର ସ୍ୱାଇଁ ପରିଚାଳନା କରିଥିଲେ।

● ପରକୀୟା ପ୍ରୀତିର କରୁଣ ପରିଣତି

## ପତ୍ନୀଙ୍କ ପ୍ରେମିକଙ୍କୁ ପତିଙ୍କ ଛୁରାମାଡ଼

ଭାପୁର,୧୧।୨(ସମିସ): ଜଣେ ମହିଳାଙ୍କ ସ୍ୱାମୀଙ୍କ ଅନୁପସ୍ଥିତିରେ ଜଣେ ଯୁବକ ଉକ୍ତ ମହିଳାଙ୍କୁ ପ୍ରେମ କରୁଥିଲେ। ଏହା ଜାଣି ସ୍ୱାମୀ ବିରୋଧ କରି ଆସୁଥିଲେ। ଏହି ଘଟଣାକୁ ନେଇ ପତିଙ୍କ ଛୁରାମାଡରେ ପ୍ରେମିକ ଜଣଙ୍କ ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ବିଜିପୁର ଗ୍ରାମର ଅବିବାହିତ ନିରଞ୍ଜନ ନାୟକ ବାଉଁଶବାଟୀ ପଞ୍ଚାୟତ କଇଁଥପୋଖରୀ ଗ୍ରାମର ଜଣେ ବିବାହିତ ମହିଳାଙ୍କୁ ଭଲ ପାଉଥିଲେ। ଏହି ଘଟଣା ଜଣାପଡିବା ପରେ ମହିଳାଙ୍କ ସ୍ୱାମୀ ଉକ୍ତ ଯୁବକଙ୍କୁ ଅନେକବାର ଫୋନରେ ଗାଳିମନ୍ଦ କରିଥିଲେ। ମଙ୍ଗଳବାର ଚାଉଳ ଟ୍ରକ ଧରି ନିରଞ୍ଜନ ଯାଉଥିବା ସମୟରେ ଏକ କାର୍‌ରେ ମହିଳାଙ୍କ ସ୍ୱାମୀ ଆସି ତାଙ୍କୁ ଅଟକାଇ ଗଣ୍ଡଗୋଳ କରି ଏକ ଛୁରିରେ ଆକ୍ରମଣ କରିଥିଲେ। ଆହତ ଅବସ୍ଥାରେ ନିରଞ୍ଜନଙ୍କୁ ଭାପୁର ଡାକ୍ତରଖାନାରେ ଭର୍ତ୍ତି କରଯାଇଛି। ଏହି ଗଣ୍ଡଗୋଳ ସମୟରେ ମହିଳାଙ୍କ ସ୍ୱାମୀଙ୍କ କାର୍‌ର କାଚ ଭାଙ୍ଗି ଯାଇଥିବା ଜଣାପଡିଛି। ଦୁଇଟି ଯାକ ଗାଡିକୁ ଭାପୁର ଫାଣ୍ଡି ଅଧିକାରୀ ଜବତ କରି ତଦନ୍ତ ଚଳାଇଛି।

## ଦୁର୍ଘଟଣାଗ୍ରସ୍ତ ଯୁବକଙ୍କ ମୃତ୍ୟୁ

ଖଣ୍ଡପଡ଼ା, ୧୧।୨(ସମିସ): ଗତ ୮ ତାରିଖରେ ଖଳିସାହି ଲକ୍ଷ୍ମୀ ବଜାର ବାସିନ୍ଦା ପ୍ରଭାତ କୁମାର ସାହୁ(୩୫) ଖଣ୍ଡପଡ଼ାର ଏକ ଗ୍ୟାରେଜରୁ କାମସାରି ଘରକୁ ଫେରୁଥିବା ବେଳେ ଏକ ଅଜଣା ଗାଡି ଧକାରେ ଗୁରୁତର ହୋଇଥିଲେ। ପ୍ରଥମେ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭୁବନେଶ୍ୱର ସ୍ଥାନାନ୍ତରିତ ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ପ୍ରଭାତଙ୍କର ମଙ୍ଗଳବାର ମୃତ୍ୟୁ ହୋଇଛି।

● କଣ୍ଟିଲୋ ମାଘମେଳା ମହୋତ୍ସବ ତୃତୀୟ ସନ୍ଧ୍ୟା

## ଅସୀମା ପଣ୍ଡାଙ୍କ ସଂଗୀତରେ ଝୁମିଲେ ଦର୍ଶକ

ଖଣ୍ଡପଡା/କଣ୍ଟିଲୋ,୧୧।୨(ସମିସ): ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଖଣ୍ଡପଡା ବ୍ଲକ ଅଧୀନ କଣ୍ଟିଲୋ ଯାତ୍ରା ପଡ଼ିଆରେ ମାଘମେଳା ମହୋତ୍ସବ କମିଟି ଓ ଦେବୋତ୍ତର ବିଭାଗ ଆନୁକୂଲ୍ୟରେ ଆୟୋଜିତ ତୃତୀୟ ବାର୍ଷିକ ମାଘମେଳା ମହୋତ୍ସବ ମଙ୍ଗଳବାର ତୃତୀୟ ସଂଧ୍ୟା ଖୁବ ଧୁମାଧମରେ ଅନୁଷ୍ଠିତ ହୋଇଯାଇଛି। ତୃତୀୟ ସଂଧ୍ୟାରେ ବ୍ଲକ ଅଧୀନ ବେଣାଗାଣିଆ ସାତ ଗାଁ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସମ୍ବଲପୁରୀ ଓ ଆଧୁନିକ ନୃତ୍ୟ ପରିବେଷଣ ହୋଇଥିଲା। ମହୋତ୍ସବ କମିଟି ଅଧ୍ୟକ୍ଷ ଖଣ୍ଡପଡା ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାକାର୍ଯ୍ୟରେ ମୁଖ୍ୟଅତିଥୀ ଭାବେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିରମହାରାଜପୁର ବିଧାୟକ ରଘୁନାଥ ଜଗଦଲ୍, ସମାଜସେବୀ ରାଘବ ମଲ୍ଲିକ, ପିଡ଼ି ଲଗ୍ନଜିତ୍ ରାଉତ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁବାସ ଚନ୍ଦ୍ର ପଣ୍ଡା, ପୂର୍ବତନ କନ୍ଧମାଳ ସାଂସଦ ପ୍ରତ୍ୟୁଷା ରାଜେଶ୍ୱରୀ, ବିଡ଼ିଓ ଅଙ୍କୁର ଅଭିଲାଷ, ସାଂସଦଙ୍କ ବ୍ଲକ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆର ସିଂହ, ସରପଞ୍ଚ ଶ୍ରୀୟାରାଣୀ ବେହେରା, ସମାଜସେବୀ ଅଖିଳ ମହାରଣା ପ୍ରମୁଖ ଯୋଗଦେଇ ମହୋତ୍ସବର ଉତ୍ତୋରତ୍ତର କାମନା କରିଥିଲେ। ସେହିପରି କାର୍ଯ୍ୟକାରୀ ସଭାପତି ବରିଷ୍ଠ ସାମ୍ବାଦିକ ପ୍ରଭାକର ଶିରୋମଣି ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ସିଦ୍ଧାର୍ଥ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। କଣ୍ଠଶିଳ୍ପୀ ଅସୀମା ପଣ୍ଡାଙ୍କ ସୁମଧୁର ସଂଗୀତରେ ଉପସ୍ଥିତ ଦର୍ଶକ ଝୁମିଥିଲେ।

## ଆର୍ଯ୍ୟ ସମାଜ ଆରଡ଼ାର ବାର୍ଷିକ ଉତ୍ସବ

■ ୨୯ତମ ଋଗବେଦ ପାରାୟଣ ଯଜ୍ଞ



ଓଡ଼ଗାଁ,୧୧।୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ନନ୍ଦିଘୋର ପଞ୍ଚାୟତ ପେଟାପଲ୍ଲୀ ଛକ ଆର୍ଯ୍ୟ ସମାଜ ଆରଡ଼ା ଠାରେ ସୋମବାର ଅନୁଷ୍ଠାନର ବାର୍ଷିକ ଉତ୍ସବ ଏବଂ ୨୯ତମ ଋଗବେଦ ପାରାୟଣ ଯଜ୍ଞ ଉଦଯାପିତ ହୋଇଯାଇଛି। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ବିଦ୍ୱାନ, ସାଧୁସନ୍ଥମାନଙ୍କ ଦ୍ୱାରା ୩ଦିନ ଧରି ପରିଚାଳିତ ଯଜ୍ଞରେ ପ୍ରତିଦିନ ମଧ୍ୟାହ୍ନରେ ଏବଂ ଅପରାହ୍ନରେ ଯଜ୍ଞ ଏବଂ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୋମବାର ଅପରାହ୍ନରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ନୟାଗଡ଼ ବିଧାୟକ ଡ.ଅରୁଣ କୁମାର ସାହୁ, ନୟାଗଡ଼ ପୌରାଧ୍ୟକ୍ଷା ନିରୂପମା ଖଟେଇ, ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ଉପାଧ୍ୟକ୍ଷା ମୀରା ନାୟକ, ଜିଲ୍ଲା ପରିଷଦ ସଭ୍ୟ ବିରଜା ଲକ୍ଷ୍ମୀ ସାହୁ ଏବଂ ଝିଲି ପ୍ରଧାନ ଏବଂ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ବିଭୁପ୍ରସାଦ ସାହୁ ପ୍ରମୁଖ ଯୋଗଦେଇ ଅଗ୍ନି ଭଗବାନଙ୍କୁ ହବନ ପ୍ରଦାନ କରିଥିଲେ। ପରିବ୍ରାଜକ ଆନନ୍ଦ ସରସ୍ୱତୀ, ପଣ୍ଡିତ ବିଶ୍ୱନାଥ ଶାସ୍ତ୍ରୀ, ବ୍ରହ୍ମଚାରୀ ବିଦ୍ୟାଧର, ପଥରା ଆର୍ଯ୍ୟ ସମାଜ ଟ୍ରଷ୍ଟି ଅରୁଣ ଶଙ୍କର ଆଚାରୀ ପ୍ରମୁଖ ଯଜ୍ଞ ପରିଚାଳନା କରିଥିବା ବେଳେ ରଘୁନାଥ ନାୟକ ଓ କିଶୋର ଚନ୍ଦ୍ର କର ସଂଯୋଜନା କରିଥିଲେ। ସଭାପତି ଶ୍ରୀକାନ୍ତ ଖଟେଇ ଏବଂ ସମ୍ପାଦକ ସୁରେନ୍ଦ୍ର ନାଥ ବେହେରା ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

ଜିଲ୍ଲାବାସୀଙ୍କୁ ମିଳୁନି ଉପଯୁକ୍ତ ରେଳସେବା

# ସିଟ୍ ମିଳୁନି; ଯନ୍ତ୍ରଣା ଭୋଗୁଛନ୍ତି ଯାତ୍ରୀ

ନୟାଗଡ଼,୧୧।୨(ସମିସ):




ନୟାଗଡ଼ ବାସୀଙ୍କୁ ରେଳସେବା ନାଁରେ ଅକଥନୀୟ ଯନ୍ତ୍ରଣା ଦିଆଯାଉଛି । କମ ସଂଖ୍ୟକ ବଗି ଥିବା ରେଳ ଚଳାଚଳ କରୁଥିବାରୁ ଯାତ୍ରୀଙ୍କୁ ପୁରୀ ଓ ଭୁବନେଶ୍ୱରକୁ ଠିଆ ହୋଇଯିବାକୁ ପଡୁଛି । ରେଳ ଯାତ୍ରୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଚଳାଚଳ କରୁଥିବା ଟ୍ରେନ୍ ବଗି ସଂଖ୍ୟାରେ ବୃଦ୍ଧି ପାଉନି । ନୟାଗଡ଼ ଟାଉନ ଷ୍ଟେସନରୁ ଟ୍ରେନ୍‌ରେ ଯାତ୍ରୀ ଭର୍ତ୍ତି ହୋଇ ଯାଉଥିବା ବେଳେ ନୟାଗଡ଼ ଜିଲ୍ଲା ରାଜସୁନାଖଳା, ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼, ବେଗୁନିଆ, ଖୋର୍ଦ୍ଧା ଟାଉନ ଷ୍ଟେସନ ଯାତ୍ରୀ ସବୁଠାରୁ ଅଧିକ ଦୁର୍ଦ୍ଦଶା ଭୋଗୁଛନ୍ତି । ଖୋର୍ଦ୍ଧା ବଲାଙ୍ଗୀର ଜାତୀୟ ରେଳପଥରେ ଦଶପଲ୍ଲା ପର୍ଯ୍ୟନ୍ତ ରେଳ ଚଳାଚଳ କରୁଛି । ଦଶପଲ୍ଲାରୁ ପ୍ରତ୍ୟହ ୪ଟି ଟ୍ରେନ ଚଳାଚଳ କରୁଛି । ଏହି ଟ୍ରେନ ଗୁଡ଼ିକ ମଧ୍ୟରେ ଗୋଟିଏ ମେମୁ ଟ୍ରେନ ଦୁଇ ଥର ଭୁବନେଶ୍ୱର ନୟାଗଡ଼ ମଧ୍ୟରେ ଯାତାୟତ କରୁଥିବା ବେଳେ ଗୋଟିଏ ଭଦ୍ରକ ଓ ଅନ୍ୟଟି ପୁରୀକୁ ସଂଯୋଗ ହୋଇଛି । ଦଶପଲ୍ଲା ରେଳଷ୍ଟେସନଠାରୁ ସକାଳ ୬ଟାରେ ଭୁବନେଶ୍ୱର ଅଭିମୁଖେ ଏକ ମେମୁ ଟ୍ରେନ୍ ବାହାରୁଥିବା ବେଳେ ଏହି ଟ୍ରେନ ନୟାଗ? ଟାଉନ ଷ୍ଟେସନରୁ ୬ଟା ୪୦ରେ ଛାଡୁଛି । ପୁନଶ୍ଚ ଉକ୍ତ ଟ୍ରେନ୍ ସକାଳ ୯ଟାରେ ଭୁବନେଶ୍ୱରରୁ ଦଶପଲ୍ଲା ପ୍ରତ୍ୟାବର୍ତ୍ତନ କରୁଛି । ଅପରାହ୍ନ ୪ଟାରେ ଦଶପଲ୍ଲାରୁ ଉକ୍ତ ମେମୁ ଟ୍ରେନ୍ ପୁଣି ଭୁବନେଶ୍ୱର ଅଭିମୁଖେ ବାହାରି ୪ଟା ୪୦ରେ ନୟାଗଡ଼ ଟାଉନ ଷ୍ଟେସନ ଛାଡୁଛି । ଉକ୍ତ ଟ୍ରେନ୍ ପୁଣି ଭୁବନେଶ୍ୱରରୁ ସଂଧ୍ୟା ୬ଟା ୪୦ରେ ବାହାରି ଦଶପଲ୍ଲା ପ୍ରତ୍ୟାବର୍ତ୍ତନ କରୁଛି । ସେହପରି ଦଶପଲ୍ଲାରୁ ସକାଳ ୬ଟା ୧୫ରେ ପୁରୀ ଅଭିମୁଖେ ଅନ୍ୟ ଏକ ଟ୍ରେନ ବାହାରୁଛି । ଏହି ଟ୍ରେନ୍ ନୟାଗଡ଼ ଟାଉନ ଷ୍ଟେସନରେ ସକାଳ ୭ଟାରେ ଅତିକ୍ରମ କରୁଛି । ଉକ୍ତ ଟ୍ରେନ୍ ସଂଧ୍ୟା ୬ଟାରେ ପୁରୀରୁ ପୁଣି ଦଶପଲ୍ଲା ଅଭିମୁଖେ ପ୍ରତ୍ୟାବର୍ତ୍ତନ କରୁଛି । ସେହିଭଳି ଭାବେ ଦଶପଲ୍ଲାରୁ ୪ଟା ୩୫ ମିନିଟ୍ ଭଦ୍ରକ ଅଭିମୁଖେ ଅନ୍ୟ ଏକ ଟ୍ରେନ ବାହାରୁଛି । ଏହା ସକାଳୁ ଭଦ୍ରକରୁ ବାହାରି ଭୁବନେଶ୍ୱରରୁ ଦଶପଲ୍ଲା ଅଭିମୁଖେ ସକାଳ ୯ଟା ୨୫ରେ ବାହାରୁଛି । ଭୁବନେଶ୍ୱର ଚଳାଚଳ କରୁଥିବା ମେମୁ ଟ୍ରେନ୍ ସବୁଠାରୁ ସାଂଘାତିକ ସ୍ଥିତି ଦେଖିବାକୁ ମିଳିଛି । ଉକ୍ତ ଦୁଇ ଟ୍ରେନ୍ ବଗି ସଂଖ୍ୟା ବୃଦ୍ଧି କରିବା ପାଇଁ ଜିଲ୍ଲାବାସୀ ବାରମ୍ବାରଦ ଦାବି କରୁଥିବା ବେଳେ ରେଳ ବିଭାଗ ଅଣଦେଖା କରି ଚାଲିଛି । ଦଶପଲ୍ଲାରୁ କୋଲକତାକୁ ଏକ ଟ୍ରେନ ଚଳାଚଳ କରିବା ପାଇଁ ନାଗରିକ ମଞ୍ଚ ବାରମ୍ବାର ଦାବି ହେଉଛି ।

### ଖତ ଖାଉଛି ଶତାଧିକ ବଗି

ଦୀର୍ଘଦିନ ଧରି ନୟାଗଡ଼ ଟାଉନ ଷ୍ଟେସନର ଦୁଇଟି ଟ୍ରାକରେ ୩୮ଟି ବଗି ଥୁଆ ହୋଇଛି। ଅବ୍ୟବହୃତ ଭାବେ ଏହି ବଗି ଗୁଡ଼ିକ ରହିଥିବାରୁ ଅନେକ ନିଶାଖୋର ବ୍ୟକ୍ତି ସେଠାରେ ନିଶା ସେବନ କରୁଛନ୍ତି। ଯାତ୍ରୀଙ୍କ ଦାବି ଅନୁସାରେ ଟ୍ରେନ ଗୁଡ଼ିକରେ ବଗି ସଂଖ୍ୟା ବୃଦ୍ଧି କରାଯାଉ ନ ଥିବା ବେଳେ ଅବ୍ୟବହୃତ ବଗି ଗୁଡ଼ିକ ପକାଇ ରଖାଯିବା ପଛର କାରଣ କଣ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କରୋନା ମହାମାରୀଠାରୁ ରେଳ ବିଭାଗ ଚଳାଚଳ କରୁଥିବା ରେଳସଂଖ୍ୟାକୁ ହ୍ରାସ କରିଥିବା କାରଣରୁ ଏହି ବଗି ଗୁଡ଼ିକ ଅବ୍ୟବହୃତ ଅବସ୍ଥାରେ ରହୁଥିବା ଆଲୋଚନା ହେଉଛି।

■ ବ୍ଲକସ୍ତରୀୟ ମନରେଗା ଜନଶୁଣାଣି ଶିବିର

## ୫୫ ପରିବାର କରିଛନ୍ତି ଶହେ ଦିନର କାର୍ଯ୍ୟ



ଗଣିଆ,୧୧।୨(ସମିସ): ଗଣିଆ ବ୍ଲକ କାର୍ଯ୍ୟାଳୟ ସଦଭାବନା ଗୃହ ପରିସରରେ ମଙ୍ଗଳବାର ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ମନରେଗା ଯୋଜନାକୁ କିଭଳି ଭାବରେ ପଞ୍ଚାୟତସ୍ତରରେ ଯୋଜନା କରାଯାଇ ସମ୍ବଳ ସୃଷ୍ଟି କରାଯାଇପାରିବ ଯାହାକି, ଲୋକମାନଙ୍କର ଜୀବନ ଜୀବିକାକୁ ସୁରକ୍ଷିତ କରାଯିବା ନେଇ ଆଲୋଚନା କରାଯାଇଥିଲା । ଏହି ଶିବିରରେ କୌଣସି ଜବକାର୍ଡଧାରୀମାନେ ଉପସ୍ଥିତ ନ ଥିବା ଦେଖାଯାଇଥିଲା । ଗତ ୨୦୨୩-୨୪ ଆର୍ଥିକ ବର୍ଷରେ ପଞ୍ଚାୟତ, ବ୍ଲକ ଓ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟ ଦ୍ୱାରା କରାଯାଇଥିବା କାର୍ଯ୍ୟ ଗୁଡିକ ସମ୍ପର୍କରେ ସମୀକ୍ଷା କରାଯାଇଥିଲା । କେତେଗୁଡିଏ କାର୍ଯ୍ୟ ସମାପ୍ତ ହୋଇଥିଲେ ମଧ କିଛି ସ୍ଥାନରେ ନାଗରିକ ସୂଚନା ଫଳକ ଓ ଗ୍ରାମସଭା ଅନୁମୋଦନ ଭଳି କାଗଜପତ୍ରରେ ଅନେକ ତ୍ରୁଟି ରହିଥିବାରୁ ଜିଲ୍ଲା ସାମାଜିକ ସୁରକ୍ଷା ଅଡିଟର ବିଜୟ ନାରାୟଣ ବଳିଆର ସିଂ, ଜିଲ୍ଲା ପରିଷଦ ନୟାଗଡ ଅତିରିକ୍ତ ନିର୍ବାହୀ ଅଧିକାରୀ (ପ୍ରଶାସନ) ଆଲବର୍ଟ ଲାକ୍ରା ଓ ଆମ୍ଭୁଡ଼ସ୍ମ୍ୟାନ ଗୀରିଶ ଚନ୍ଦ୍ର ଦାଶ ଅସନ୍ତୋଷ ବ୍ୟକ୍ତ କରିଥିଲେ । ଆଗାମୀ ୩ ଦିନ ମଧ୍ୟରେ ତ୍ରୁଟିର ସମାଧାନ ନ କଲେ ସାମାଜିକ ସୁରକ୍ଷା ନିୟମାନୁଯାୟୀ ଦଣ୍ଡ ଗଣିବେ ବୋଲି ସୂଚନା ଦେଇଥିଲେ । ଗତ ୨୦୨୩-୨୪ ଆର୍ଥିକ ବର୍ଷର ୬ ମାସ ମଧ୍ୟରେ ସମୁଦାୟ ୫୮ ଟି ସମସ୍ୟା ବାହାରିଛି । ସେଥିମଧ୍ୟରୁ ମୃତ୍ତିକା ସଂରକ୍ଷଣ ବିଭାଗ ୧୮, ଉଦ୍ୟାନ ବିଭାଗ ୧୪, ବନ ବିଭାଗର ୫, ପଞ୍ଚାୟତ ଓ ପଞ୍ଚାୟତ ସମିତି ବିଭାଗ ତର'ରୁ ୨୧ଟି ସମସ୍ୟା ରହିଛି ବୋଲି ବ୍ଲକ ସାମାଜିକ ସୁରକ୍ଷା ଅଡିଟର କଲ୍ୟାଣୀ ସ୍ୱାଇଁ ଶିବିରରେ ଉପସ୍ଥାପନା କରିଥିଲେ । ଗତ ୨୦୨୪-୨୫ ଆର୍ଥିକ ବର୍ଷରେ ଗଣିଆ ବ୍ଲକରେ ୧ ଲକ୍ଷ ୮୦ ହଜାର ୨୮୫ ମାନବ ଦିବସ ସୃଷ୍ଟି ହୋଇଥିବା ବେଳେ ୫୫ଟି ପରିବାର ୧୦୦ ଦିନର କାର୍ଯ୍ୟ ପୂରଣ କରିଛନ୍ତି । ବ୍ଲକରେ ୬୦୭ଟି ମନରେଗା ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଥିବା ବେଳେ ୬୯୧ଟି ପ୍ରକଳ୍ପ କାର୍ଯ୍ୟ ଚାଲୁ ରହିଥିବା ଜଣାପଡିଛି । ଏହି ଶିବିରରେ ବ୍ଲକ ଅଧ୍ୟକ୍ଷା ଝୁନା ଜେନା, ବିଡିଓ ପ୍ରିତିବାଳା ରଣା, ବ୍ଲକ ସହକାରୀ ଯନ୍ତ୍ରୀ ଅଜିତା ପ୍ରିୟଦର୍ଶନୀ, ଏପିଓ ଇତିଶ୍ରୀ ଦାଶଙ୍କ ସମେତ ବିଭାଗୀୟ ଅଧିକାରୀ, ପଞ୍ଚାୟତ ଜନପ୍ରତିନିଧି, ଭିଆରପି ପ୍ରମୁଖ ଯୋଗ ଦେଇଥିଲେ

## ବାହାଡ଼ାଝୋଲା ଫାଇନାଲରେ ପ୍ରବେଶ

ଓଡ଼ଗାଁ,୧୧।୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ମା' ତାରେଣୀ ଡାଇମଣ୍ଡ କ୍ରିକେଟ ଆସୋସିଏସନ୍, ମଶାବାରୀ ଦ୍ୱାରା ଆୟୋଜିତ ଡିଏସିଏ କପ୍ ମସାବାରୀ ୨୦୨୫ ମଙ୍ଗଳବାର ପ୍ରଥମ ସେମିଫାଇନାଲ ମ୍ୟାଚ ଆୟୋଜକ ମଶାବାରୀକୁ ହରାଇ ବାହାଡ଼ାଝୋଲା ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ଟସ୍ ଜିତି ମଶାବାରୀ ବାହାଡ଼ାଝୋଲାକୁ ବ୍ୟାଟିଂ ଦେଇଥିବା ବେଳେ ନିର୍ଦ୍ଧାରିତ ୨୦ ଓଭରରେ ବାହାଡ଼ାଝୋଲା ୧୪୪ ରନ୍ କରିଥିଲା। ଆୟୋଜକ ମଶାବାରୀ ୧୪୫ ରନ୍ ଲକ୍ଷ୍ୟ ହାସଲ କରିବାକୁ ଯାଇ ୯୭ ରନ କରି ସମସ୍ତ ଖେଳାଳି ଆଉଟ୍ ହୋଇଯାଇଥିଲେ। ପ୍ରଫୁଲ୍ଲ ମହାନ୍ତି, ଗଜେନ୍ଦ୍ର ଜେନା ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସାର୍ଥକ ଷଡ଼ଙ୍ଗୀ, ସତ୍ୟଜିତ ଜେନା ଖେଳ ପରିଚାଳନା କରିଥିଲେ। ବୁଧବାର ଶରଣକୁଳ ଏବଂ ଲକ୍ଷ୍ମୀପ୍ରସାଦ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଅନୁଷ୍ଠିତ ହେବ।

## ଜଙ୍ଗଲ ଓ ବନ୍ୟଜନ୍ତୁ ସୁରକ୍ଷା ସଚେତନତା ଶିବିର

ରଣପୁର,୧୧।୨(ସମିସ): ଖୋର୍ଦ୍ଧା ବନଖଣ୍ଡ ରଣପୁର ରେଞ୍ଜ କେରଣ୍ଡାଟାଙ୍ଗୀ ପଞ୍ଚାୟତ ଅଧିନସ୍ଥ ଶ୍ରୀ ପାତାଳେଶ୍?ର ମନ୍ଦିର ପ୍ରାଙ୍ଗଣଠାରେ ଜଙ୍ଗଲ ଓ ବନ୍ୟଜନ୍ତୁ ସୁରକ୍ଷା ଜନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ଏବଂ ଜଙ୍ଗଲ ଓ ବନ୍ୟ ଜନ୍ତୁଙ୍କ ସୁରକ୍ଷା ପାଇଁ ସମସ୍ତେ ଆମେ ଏକାଠି ହେବାକୁ ଆହ୍ୱାନ ଦିଆଯାଇଥିଲା।. ଏହି ଶିବିରରେ କେରଣ୍ଡାଟାଙ୍ଗୀ ପଞ୍ଚାୟତରେ ଥିବା ଜଙ୍ଗଲ ସୁରକ୍ଷା ସମିତିର କର୍ମକର୍ତ୍ତା ଓ ସ୍ଥାନୀୟ ଜନସାଧାରଣ ଅଂଶଗ୍ରହଣ କରିଥିଲେ। ଆଜିର ଏହି ସଭାରେ ଖୋର୍ଦ୍ଧା ବନଖଣ୍ଡ ଅଧିକାରୀ ପୂର୍ଣ୍ଣିମା ପାଣ୍ଡିଆନ, ରଣପୁର ବନ ଅଧିକାରୀ ସିଂଧୁ ସିଂହ, ଗୋପାଳପୁର ବନପାଳ ଅବିନାଶ ଖୁଣ୍ଟିଆଙ୍କ ସମେତ ଅନ୍ୟ ବନ କର୍ମଚାରୀ ମାନେ ଉପସ୍ଥିତ ରହି ବେଆଇନ ବିଦ୍ୟୁତ ସଂଯୋଗ କରି ବନ୍ୟଜନ୍ତୁଙ୍କୁ ଅବୈଧ ଶିକାର ନ କରିବା, ଜଙ୍ଗଲରେ ନିଆଁ ନ ଲଗାଇବା ଆଦି ସଚେତନତା ବାର୍ତ୍ତା ଦେଇଥିଲେ। ଏଥିସହ ବନ୍ୟଜନ୍ତୁଙ୍କ ଦ୍ୱାରା ଫସଲ କ୍ଷତି ହୋଇଥିବା ସମସ୍ତ ଚାଷୀ ମାନଙ୍କୁ ଅନୁକମ୍ପା ରାଶି ପ୍ରଦାନ କରିବା, ବନ୍ୟ ଜନ୍ତୁଙ୍କ ଦାଉରୁ ଫସଲକୁ ସୁରକ୍ଷା ପ୍ରଦାନ କରିବା ପାଇଁ ଗଜ ସୁରକ୍ଷା ଓ ଜନ ସୁରକ୍ଷା ଯୋଜନା ମାଧ୍ୟମରେ ସରକାରଙ୍କ ଯୋଜନାରେ ପ୍ରଦାନ କରାଯାଉଥିବା ସୋଲାର ବାଡ଼ ରିହାତି ମୂଲ୍ୟ ରେ ଦିଆଯିବା ଉପରେ ବିଶେଷ ଆଲୋଚନା କରାଯାଇଥିଲା। ଏଥିସହ ଯେଉଁ ଚାଷୀମାନଙ୍କର ବନ୍ୟଜନ୍ତୁଙ୍କ ଦ୍ୱାରା ଫସଲ କ୍ଷତି ହୋଇଥିବ, ସହାୟତା ପାଇବା ପାଇଁ ଅନୁକମ୍ପାରେ ଆବେଦନ କରିବା ପାଇଁ ଚାଷୀ ମାନଙ୍କୁ ପରାମର୍ଶ ଦିଆଯାଇଥିଲା।

ପଠାଣିସାମନ୍ତ ଜିଲ୍ଲାସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

## ସେମିରେ ନୟାଗଡ଼ ପ୍ରକାଶ ଇଲେଭେନ୍



ଖଣ୍ଡପଡ଼ା,୧୧।୨(ସମିସ): ଖଣ୍ଡପଡ଼ା ଏନଏସି ଅଧୀନ ମଧୁବନ କ୍ରୀଡାଙ୍ଗନରେ ପଠାଣିସାମନ୍ତ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟରେ ତୃତୀୟ ଦଳ ଭାବେ ନୟାଗଡ଼ ପ୍ରକାଶ ଇଲେଭେନ ସେମି ଫାଇନଲକୁ ଉତ୍ତୀର୍ଣ୍ଣ ହୋଇଛି। ମଙ୍ଗଳବାର ଖଣ୍ଡପଡ଼ା ଯୁବକ ସଂଘ ଦ୍ୱାରା ଆୟୋଜିତ ଜିଲ୍ଲାସ୍ତରୀୟ ଏହି ଟୁର୍ଣ୍ଣାମେଣ୍ଟର ତୃତୀୟ କ୍ୱାର୍ଟର ଫାଇନାଲ ନୟାଗଡ଼ ପ୍ରକାଶ ଇଲେଭେନ ଏବଂ ବୋଲଗଡ଼ ଫୁଟବଲ କ୍ଲବ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ମ୍ୟାଚର ପ୍ରଥମାର୍ଦ୍ଧ ନୟାଗଡ଼ ୩-୦ ଗୋଲରେ ଆଗୁଆ ରହିବା ସହ ଦ୍ୱିତୀୟାର୍ଦ୍ଧରେ ମଧ୍ୟ ଆଉ ୧ଟି ଗୋଲ ଦେଇ ନୟାଗଡ ଦଳ ଇଟାମାଟି ବିପକ୍ଷରେ ୪-୦ରେ ବିଜୟୀ ହୋଇଥିଲା। କ୍ରୀଡା ଶିକ୍ଷକ ସମୀର ଖୁଣ୍ଟିଆ ରେଫରୀ ଦାୟିତ୍ୱ ନିଭାଇଥିବା ବେଳେ ଲାଇନରେ ଦୁଇ କ୍ରୀଡା ଶିକ୍ଷକ ସୁବାସ ବେହେରା ଓ ସୁବାସ ବେହେରା (ଜୁନିଅର) ଦାୟିତ୍ୱ ତୁଲାଇଥିଲେ। ଆଜିର ଖେଳରେ ଅତିଥି ଭାବେ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନିରଞ୍ଜନ ଧଳ, ଶିଶୁକବି କାଶୀନାଥ ଦାସ ଓ ସିଂଘାପଡ଼ା ସରପଞ୍ଚ ସୁନୀଲ କୁମାର ପ୍ରଧାନ ଯୋଗଦେବା ସହିତ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆସନ୍ତାକାଲି ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚରେ ଶରଣକୁଳ ଟିମ ଏବଂ ଇଟାମାଟି ମଧ୍ୟରେ ଖେଳ ଅନୁଷ୍ଠିତ ହେବବୋଲି ଆୟୋଜକ ମୁଖ୍ୟ ମହେନ୍ଦ୍ର କୁମାର ବାରିକଙ୍କ ଠାରୁ ସୂଚନା ମିଳିଛି।

ସଫା ହେଉନି ଶୌଚାଳୟ

## ପରିବେଶ ପାଲଟିଛି ପୂତିଗନ୍ଧମୟ

ଦଶପଲ୍ଲା,୧୧।୨(ସମିସ):




ବିବାଦ ଓ ବଦନାମ ଦଶପଲ୍ଲା ଏନ୍‌ଏସିର ପିଛା ଛାଡୁନି। ସ୍ୱଚ୍ଛ ଦଶପଲ୍ଲା ସୁସ୍ଥ ଦଶପଲ୍ଲା ଏଠାରେ ସ୍ଲୋଗାନରେ ସୀମିତ ରହିଛି। ଦଶପଲ୍ଲାର କେନ୍ଦ୍ର ସ୍ଥଳରେ ଥିବା ଏକ ମାତ୍ର ବସ୍‌ଷ୍ଟାଣ୍ଡ ପରିସରରେ ଥିବା ସୁଲଭ ଶୌଚାଳୟର ଦୟନୀୟ ଅବସ୍ଥା ପ୍ରତି ବିଭାଗ ଆଖି ମୁଜି ଦେଇଛି। ଦୈନିକ ହଜାର ହଜାର ଯାତ୍ରୀଙ୍କ ଯାତାୟତ ସହିତ ଦଶପଲ୍ଲା ସଦର ମହକୁମାକୁ ଆସୁଥିବା ଅଞ୍ଚଳବାସୀ ସ୍ନାନ ଶୌଚ ତ ଦୂରର କଥା ଝାଡା ପରିସ୍ରା ଯିବା ପାଇଁ ନାକ ଟେକୁଛନ୍ତି। ପରିସ୍ରାଗାର ନ ଥିବାରୁ ଜେଲ୍ ପ୍ରାଚୀର, ଆର୍‌ଆଇ ଅଫିସ ଓ ଶିଶୁ ମନ୍ଦିର କାନ୍ଥ ଓ ଗାନ୍ଧୀ ମଇଦାନ ମୁକ୍ତାକାଶ ପାଇଖାନା ପାଲଟିଛି। ମହିଳା ଯାତ୍ରୀ ମାନଙ୍କ ଦୁର୍ଦ୍ଦଶା ନ କହିବା ଭଲ। ବର୍ଷ ବର୍ଷ ଧରି ଏନ୍‌ଏସି କର୍ତ୍ତୃପକ୍ଷ ପାଇଖାନା ଟାଙ୍କି ସଫା କରିବା ନା ଧରୁ ନାହାନ୍ତି। ଏକ ନିର୍ଦ୍ଦିଷ୍ଟ ମହିଳା ଗୋଷ୍ଠୀକୁ ପରିଚାଳନା ଦାୟିତ୍ୱ ଦେଇ ହାତ ଟେକି ଦେଇଛନ୍ତି କର୍ତ୍ତୃପକ୍ଷ। ବ୍ଲିଚିଂ ଫିନାଇଲ ଦୂରର କଥା ସୌଜନ୍ୟବଶତଃ ଘରୋଇ ବସ୍ ମାଲିକ ସଂଘ ତରଫରୁ ସ୍ୱେଚ୍ଛାକୃତ ଭାବରେ ଏହାର ଯଥାସମ୍ଭବ ଦାୟିତ୍ୱ ତୁଲାଉଛନ୍ତି। ତେବେ ଏଭଳି ସମ୍ବେଦନଶୀଳ ସମସ୍ୟା ସହିତ ଯାତ୍ରୀମାନଙ୍କ ସର୍ବନିମ୍ନ ସମସ୍ୟା ପ୍ରତି କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ବିଭିନ୍ନ ମହଲରୁ ଦାବି ହୋଇଛି।

## ଆଖଣ୍ଡଳମଣିଙ୍କ ୩୯ତମ ବାର୍ଷିକ ଉତ୍ସବ

ଖଣ୍ଡପଡ଼ା,୧୧।୨(ସମିସ): ଖଣ୍ଡପଡା ବ୍ଲକ ଅଧୀନ ବନମାଳିପୁର ପଞ୍ଚାୟତ ଅନ୍ତର୍ଗତ ବାହାଡ଼ା ଗ୍ରାମରେ ପ୍ରଭୁ ଆଖଣ୍ଡଳମଣିଙ୍କ ୩୯ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସକାଳୁ ମହିଳା ଓ ପୁରୁଷ ମାନେ ଠାକୁରଙ୍କ ପୀଠରେ କୁମ୍ଭ କଳସୀ ସ୍ଥାପନ କରିଥିଲେ। ପଣ୍ଡିତ ମହେଶ ମିଶ୍ର ରୀତିନୀତି ଅନୁଯାଇ ମୂଖ୍ୟ ପୂଜାପାଠ କରିଥିବା ବେଳେ ଅଜୟ ମିଶ୍ର ତାଙ୍କୁ ସହଯୋଗ କରିଥିଲେ। ବିଶ୍ୱର କଲ୍ୟାଣ ନିମନ୍ତେ ହୋମଯଜ୍ଞ ହେବା ସହ ନାମ ସଂକୀର୍ତ୍ତନ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଗ୍ରାମ ଓ ବାହାରୁ ଆସିଥିବା ଶତାଧିକ ଶ୍ରଦ୍ଧାଳୁ ମାନସିକ ବ୍ରତ ରଖିଥିବା ମହିଳା ଓ ପୁରୁଷ ଏକାଠି ହୋଇ ଠାକୁରଙ୍କ ନିକଟରେ ପାରମ୍ପରିକ ପଦ୍ଧତିରେ ପୂଜାର୍ଚ୍ଚନା କରିଥିଲେ। ଅନ୍ୟପକ୍ଷରେ ରାତିରେ ପୌରାଣିକ ନାଟକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ ବାର୍ଷିକ ଉତ୍ସବରେ ଗ୍ରାମର ସମସ୍ତ ଯୁବ ଓ ବରିଷ୍ଠ ବ୍ୟକ୍ତିମାନେ ସକ୍ରିୟ ସହଯୋଗ କରିଥିଲେ।



# କମ୍ପାନୀ ସୁପରଭାଇଜରଙ୍କ ମୁଣ୍ଡ ଜାମିନ ଘଟଣାରେ ୪ ଗିରଫ

ଖୋର୍ଦ୍ଧା,୧୧।୨(ସମିସ)

ଖୋର୍ଦ୍ଧା ଶିଳ୍ପାଞ୍ଚଳରେ ଦାଦାବଟି ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଏକ କମ୍ପାନୀ ସୁପରଭାଇଜରଙ୍କୁ ଅପହରଣ କରି ୨ ଲକ୍ଷ ଟଙ୍କା ଦାଦାବାଟି ମାଗିବା ଅଭିଯୋଗରେ ଶିଳ୍ପାଞ୍ଚଳ ଥାନା ପୁଲିସ ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମୁକୁନ୍ଦପ୍ରସାଦ ପୋଡ଼ାସାହିର ନବ ପ୍ରଧାନ ଓରଫ ନବ (୨୦), ଦେବାଶିଷ ମହାରଣା ଓରଫ ଡାଇନା ମୁନା (୨୬), ବିଶ୍ୱଜିତ ବେହେରା ଓରଫ ମୁନା (୨୧) ଏବଂ ଆଦର୍ଶଥାନା ବୁଢ଼ୀ ବଗିଚାର ଜ୍ୟୋତିରଞ୍ଜନ ସେଠୀ ଓରଫ ପିଙ୍କୁ (୨୦)। ଏମାନଙ୍କଠାରୁ ଦୁଇଟି ବାଇକ, ୩ଟି ମୋବାଇଲ, ୫୪ ହଜାର ୩ ଶହ ଟଙ୍କା ଜବତ କରାଯାଇଛି। ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।



୨ ବାଇକ, ୩ ମୋବାଇଲ, ୫୪ ହଜାର ଟଙ୍କା ଜବତ

ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ୍ ପଠାଇ ଦିଆଯାଇଛି।

ପୁଲିସ ସୂଚନା ଅନୁସାରେ, ବରୁଣେଇ ଶିଳ୍ପାଞ୍ଚଳରେ ଏକ କମ୍ପାନୀରେ କଟକ ସାଲେପୁରର ବିଭୂତି ଭୂଷଣ ପରିଡ଼ା ସୁପରଭାଇଜର ଭାବେ କାର୍ଯ୍ୟ କରନ୍ତି। ଗତ ୯ ତାରିଖ ଅଭିଯୁକ୍ତମାନେ ପୂର୍ବ ଯୋଜନା ମୁତାବକ ଦୁଇଟି ବାଇକରେ କମ୍ପାନୀ ନିକଟକୁ ଆସି ବିଭୂତିଙ୍କୁ ଜୋରଜବରଦସ୍ତ ଅପହରଣ କରି ପିଏନ କଲେଜ ନିକଟ ଜଙ୍ଗଲକୁ ନେଇଥିଲେ। କମ୍ପାନୀର ଜଣେ ଅଧିକାରୀଙ୍କୁ ଫୋନ କରି ଦୁଇଲକ୍ଷ ଟଙ୍କା ଦାବି କରିଥିଲେ। କମ୍ପାନୀ କର୍ତ୍ତୃପକ୍ଷ ଜଣେ ଅଭିଯୁକ୍ତଙ୍କ ଆକାଉଣ୍ଟକୁ ପ୍ରଥମେ ୭୦ ହଜାର ଓ ପରେ ୪୦ ହଜାର ଟଙ୍କା ଅନଲାଇନ ଯୋଗେ ଦେଇଥିଲେ। ପରେ ବରୁଣେଇ ହୋଟେଲ ନିକଟ ଏଟିଏମ କାଉଣ୍ଟରରୁ ୩୦ ହଜାର ଟଙ୍କା ଅଭିଯୁକ୍ତଙ୍କ ୟୁପିଆଇ ସ୍କାନରରେ ଆକାଉଣ୍ଟକୁ ପଠାଇଥିଲେ। ପରବର୍ତ୍ତୀ ସମୟରେ ଅଭିଯୁକ୍ତମାନେ ବିଭୂତିଙ୍କୁ କମ୍ପାନୀ ଗେଟ୍ ନିକଟରେ ଛାଡ଼ିଥିବାବେଳେ ଏନେଇ କାହାକୁ ଖବର ଦେଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଏନେଇ ବିଭୂତି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଥାନାଧିକାରୀ ଗାୟତ୍ରୀ ମିଶ୍ରଙ୍କ ନେତୃତ୍ୱରେ ଏସଆଇ ବାସୁଦେବ ଜୟସିଂ, କନଷ୍ଟେବଲ ପ୍ରଦୀପ ହରିଚନ୍ଦନ, ହାବିଲଦାର ବିକେ ପ୍ରତାପ ସିଂ ପ୍ରମୁଖଙ୍କୁ ନେଇ ଗଠିତ ଏକ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଅଭିଯୁକ୍ତଙ୍କୁ ଧରିଥିଲେ। ଏହି ଘଟଣାର ଅଧିକ ତଦନ୍ତ ଚାଲିଥିବାବେଳେ ଫେରାର ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଥାନାଧିକାରୀ ଶ୍ରୀ ମିଶ୍ର ପ୍ରକାଶ କରିଛନ୍ତି।

## ୧୫ ଲିଟର ଦେଶୀ ମଦ ଜବତ; ଦୁଇ ଗିରଫ



ବେଗୁନିଆ,୧୧।୨(ସମିସ): ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ଅଧିକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ ଓ ସଦର ରେଞ୍ଜ ଅଧିକାରୀ ତପସ୍ୱିନୀ ବରାଳଙ୍କ ନେତୃତ୍ୱରେ ବେଗୁନିଆ ଅବକାରୀ ବିଭାଗ ପୁଲିସ ଦୁଇଟି ସ୍ଥାନରେ ଚଢ଼ଉ କରି ୧୫ ଲିଟର ଦେଶୀ ମଦ ଜବତ କରିବା ସହ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅବକାରୀ ଥାନା ଉପନିରୀକ୍ଷକ ରାଜେନ୍ଦ୍ର ଖେସଙ୍କ ସୂଚନା ଅନୁଯାୟୀ ବେଗୁନିଆ ଅବକାରୀ ବିଭାଗ ଥାନା ଅନ୍ତର୍ଗତ ଏକଡାଳିଆ ଗ୍ରାମର ଅମନି ମୁଦୁଲିଙ୍କ ଠାରୁ ୭ ଲିଟର ଓ ପିଚୁକୁଳି ଗ୍ରାମର ଅନନ୍ତ ନାୟକଙ୍କ ଠାରୁ ୮ ଲିଟର ଦେଶୀ ମଦ ଜବତ ସହ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

## ପାନୀୟ ଜଳ ପ୍ରକଳ୍ପରୁ ଯନ୍ତ୍ରାଂଶ ଚୋରି

ନିରାକାରପୁର,୧୧।୨(ସମିସ): ନିରାକାରପୁର ଥାନା ରାମେଶ୍ୱର ପଞ୍ଚାୟତ ଖଜୁରୀପଡ଼ା ମୁସଲିମ ବସ୍ତି ଟାଙ୍ଗୀସାହି ପାନୀୟ ଜଳ ପ୍ରକଳ୍ପରୁ ଯନ୍ତ୍ରାଂଶ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଟାଙ୍ଗୀ ସାହିରେ ୧୦୦ ପରିବାର ବାସ କରୁଥିବା ବେଳେ ପାନୀୟ ଜଳ ଯୋଗାଣ ପାଇଁ ସରକାରଙ୍କ ପକ୍ଷରୁ ଏକ ବୋରୱେଲ କରାଯାଇ ଜଳ ଯୋଗାଣ କରାଯାଉଥିଲା। ସୋମବାର ରାତିରେ କେହି ଦୁର୍ବୃତ୍ତ ପାଣି ପମ୍ପ ଲାଗିଥିବା ଘରୁ ଏକ ବଡ଼ ଷ୍ଟାବିଲାଇଜର ଚୋରି କରି ନେଇଛନ୍ତି। ଫଳରେ ସ୍ଥାନୀୟ ଲୋକେ ପାନୀୟ ଜଳ ପାଇବାରେ ସମସ୍ୟା ସୃଷ୍ଟି ହୋଇଛି। ଅଭିଯୋଗ ପରେ ପୁଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛି।



## ଡମଣଭୂମି ସରକାରୀ ହାଇସ୍କୁଲର ୪୪ତମ ବାର୍ଷିକ ଉତ୍ସବ



ନିରାକାରପୁର,୧୧।୨(ସମିସ): ଖୋର୍ଦ୍ଧା ଜିଲ୍ଲା ଡମଣଭୂମି ସରକାରୀ ହାଇସ୍କୁଲର ୪୪ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଆଲୋକ ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଜିଲ୍ଲାପାଳ ଦେବରାଜ ସେନାପତି, ସମ୍ମାନିତ ଅତିଥି ସମାଜସେବୀ ଚିତ୍ତରଞ୍ଜନ ଭୋଳ, ସହ ପ୍ରତିଷ୍ଠାତା ସୁଦାମ ଚରଣ ଛୋଟରାୟ, ଫିରୋଜ ଅଲ୍ଲୀ ଖାଁ, ପ୍ରାକ୍ତନ ଶିକ୍ଷକ ବ୍ରଜବନ୍ଧୁ ଜେନା, ସରପଞ୍ଚ ଶୁଭଦର୍ଶିନୀ ଭୋଳ ଓ ବିଦ୍ୟାଳୟ ସଭାପତି ବିନୋଦ କୁମାର ଭୋଳ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ମାନେ ସହଯୋଗ କରିଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ମାଘରୁ ଦାନ୍ତ ଦେଖାଇଲାଣି ରୌଦ୍ରତାପ

ଖୋର୍ଦ୍ଧା,୧୧।୨(ସମିସ): ମାଘରେ ବାଘ ଭଳି ଖରା ହେଲାଣି। ଫେବୃଆରୀରେ ବୈଶାଖର ତାତି ଅନୁଭବ ହେଉଛି। ଏଥର ବିଳମ୍ବରେ ଶୀତ ପଡ଼ିଥିଲେ ମଧ୍ୟ ଶୀଘ୍ର ପଳାଇଥିବା ବେଳେ ଏବେଠୁ ଦାନ୍ତ ଦେଖାଇଲାଣି ରୌଦ୍ରତାପ। ଏହାସହ ରାତିରେ କିଛି ସ୍ଥାନରେ ଘନ କୁହୁଡ଼ି ଦେଖିବାକୁ ମିଳୁଛି। ଚଳିତ ବର୍ଷ ଫେବୃଆରୀ ଆରମ୍ଭରୁ କଲବଲ କଲାଣି ଖରା। ମାଘ ମାସରେ ପୂର୍ବରୁ ଜାଡ଼ ହେଉଥିବାବେଳେ ଏବେ କିନ୍ତୁ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଉପରମୁହାଁ ହେଲାଣି ପାରଦ। ଚଳିତ ବର୍ଷ ଅନିୟମିତ ବର୍ଷା ଓ ଶୀତ ପରେ ଅଦିନରେ ଆରମ୍ଭ ହୋଇଛି ଖରା। ବେଳକୁ ବେଳ ଖରା ବଢୁଥିବାବେଳେ ଘନ ଘନ ଅଘୋଷିତ ବିଦ୍ୟୁତ କାଟ ଯୋଗୁଁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ବାରମ୍ବାର ଜଙ୍ଗଲରେ ନିଆଁ ଲାଗିବା ଏବଂ ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ତାପାମାତ୍ର ବୃଦ୍ଧି ପାଉଛି। ଜଙ୍ଗଲ ବିଭାଗ ଯେଉଁ ଅନୁପାତରେ ଜଙ୍ଗଲ ସୃଷ୍ଟି ପାଇଁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରୁଛି, ସେହି ଅନୁପାତରେ ମଧ୍ୟ କାଠ ମାଫିଆମାନେ ଜଙ୍ଗଲ ନଷ୍ଟ କରୁଛନ୍ତି। ଜଙ୍ଗଲ ପରିବର୍ତ୍ତେ ଉକ୍ତ ସ୍ଥାନରେ ନିର୍ମାଣ ଚାଲିଛି କଂକ୍ରିଟ୍ ଅଟ୍ଟାଳିକା। ଫେବୃଆରୀରୁ ଲୋକେ ଅସହ୍ୟ ଗରମ ଅନୁଭବ କରୁଥିବା ବେଳେ ମାର୍ଚ୍ଚ, ଏପ୍ରିଲ, ମେ, ଜୁନ ମାସରେ ସୂର୍ଯ୍ୟ ପ୍ରକୋପରୁ କେମିତି ନିସ୍ତାର ମିଳିବ ତାହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି।



ବିଶେଷତଃ ମାର୍ଚ୍ଚ ବେଳକୁ ଜଳଉତ୍ସ ଶୁଖିବା ଦେଖାଯାଏ। ମାତ୍ର ଏବେଠାରୁ ଅଧିକାଂଶ ଜଳଉତ୍ସରୁ ପାଣି କମିବାକୁ ଲାଗିଲାଣି। ଏବେ ମଧ୍ୟ ଅଧିକାଂଶ ନଳକୂପ ଅଚଳ ହୋଇଥିବାବେଳେ ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ଯେଉଁ ଷ୍ଟାଣ୍ଡପୋଷ୍ଟ ରହିଛି ତାହା ସମୁଦ୍ରକୁ ଶଙ୍ଖେ ସଦୃଶ। ଅନ୍ୟପକ୍ଷରେ ଆଗକୁ ପ୍ରଚଣ୍ଡ ଖରା ଆଶଙ୍କା ଥିବାରୁ ଏବେଠାରୁ ସହରର ବିଭିନ୍ନ ସ୍ଥାନରେ ମୃଦୁ ଥଣ୍ଡା ପାନୀୟ, ଆଖୁ ରସ, ତରଭୁଜର ପସରା ଖୋଲିଲାଣି। ଏହାର ଚାହିଦା ମଧ୍ୟ ବୃଦ୍ଧି ପାଉଥିବା ଦେଖାଯାଉଛି। ଯଦିଓ ବନବିଭାଗ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଚାରାରୋପଣ କରାଯାଉଛି ତଥାପି ଭୂତଳ ଜଳ ଶୁଖିଯାଉଥିବା ବେଳେ ଆଗାମୀ ଦିନରେ ଅସହ୍ୟ ଗରମରୁ ଜିଲ୍ଲାବାସୀ ତ୍ରାହି ତ୍ରାହି ଡାକିବେ ବୋଲି ଆଶଙ୍କା କରାଯାଉଛି।

## ୧୯୮୪ ବ୍ୟାଚ୍‌ର ବନ୍ଧୁମିଳନ ଉତ୍ସବ

ବାଣପୁର, ୧୧।୨ (ସମିସ): ବାଣପୁର ବ୍ଲକ ଝିଣ୍ଟିକାପଲ୍ଲୀସ୍ଥିତ ମା ତାରିଣୀଙ୍କ ପୀଠରେ ଗୋଦାବରୀଶ ମହାବିଦ୍ୟାଳୟର ୧୯୮୪ ରୁ ୧୯୮୯ ବ୍ୟାଚ୍‌ର ଛାତ୍ରଛାତ୍ରୀଙ୍କ ପଞ୍ଚମ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ୫୦ରୁ ଊର୍ଦ୍ଧ୍ୱ ସହପାଠୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବ୍ୟଙ୍ଗକବି ତଥା ପ୍ରାଧ୍ୟାପକ ଡକ୍ଟର ରମାକାନ୍ତ ମହାପାତ୍ରଙ୍କ ସମେତ ସୁଶାନ୍ତ ପଟ୍ଟନାୟକ, ସଂଜିତ ମିଶ୍ର, ଛାୟାକାନ୍ତ ମିଶ୍ର, ସନ୍ତୋଷ ଷଡ଼ଙ୍ଗୀ, ସୁନିଲ ନନ୍ଦ, ଦିଲ୍ଲୀପ ପଟ୍ଟନାୟକ, ସୁନିଲ ସୁବୁଦ୍ଧି, ମାଟିଆ ପ୍ରଧାନ, ଗୋପୀନାଥ ଜେନା, ଅଶୋକ ସ୍ୱାଇଁ, କୁଳମଣି ବାରିକ, ପୂର୍ଣ୍ଣ ଚନ୍ଦ୍ର ସାହୁ, ପ୍ରଦୀପ ଶତପଥୀ, ଭାସ୍କର ମୁଦୁଲି, ବୋତକେଶ ମହାପାତ୍ର, ମନୁ ଜାଲି, ମନୋଜ ସୁବୁଦ୍ଧି, ଦିବାକର ସୁବୁଦ୍ଧି, ରୁଦ୍ର ପ୍ରତାପ ନରେନ୍ଦ୍ର ସିଂହ ବର୍ମା, ଚିତ୍ରସେନ ସାହୁ, ସନ୍ତୋଷ ବେହେରା, ସଂଜ୍ଞାରାଣୀ ରଥ, ସଂଘମିତ୍ରା ରଥ, ସୁଜାତା ମହାପାତ୍ର, ସନ୍ଧ୍ୟାରାଣୀ ବାରିକଙ୍କ ସମେତ ବନ୍ଧୁ ପତ୍ନୀ ଓ ବାନ୍ଧବୀଙ୍କ ସ୍ୱାମୀ ସାମିଲ ହୋଇଥିଲେ।

## ବରିଷ୍ଠ ନାଗରିକ ସଂଘ ପକ୍ଷରୁ ବନ୍ଧୁମିଳନ

ବେଗୁନିଆ,୧୧।୨(ସମିସ): ବେଗୁନିଆ ବ୍ଲକ ନିକଟସ୍ଥ ମୁଗମଣ୍ଡା ଠାରେ ମା' ବରମୂଳେଇ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ସଭାପତି ଦିଲୀପ ସାହୁଙ୍କ ଅଧ୍ୟକ୍ଷତାରେ ବୈକୁଣ୍ଠ ମହାରଣା ମୁଖ୍ୟଅତିଥି, ଶିକ୍ଷାବିତ ତଥା କବି ବଳରାମ ରଣସିଂହ ଓ ବୋଲଗଡ ବ୍ଲକ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ ମୁଖ୍ୟବକ୍ତା, ଉପସଭାପତି ଲମ୍ବୋଦର ଶତପଥି, ସମ୍ପାଦକ ଅଧିକାରୀ ବିଶୋଇ ଓ କୋଷାଧ୍ୟକ୍ଷ ବିଜୟ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ବରିଷ୍ଠ ସଦସ୍ୟ ରାଜ କିଶୋର ଦଳେଇ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ନାରାୟଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜ୍ଞାନ ସମାଜର ବାର୍ଷିକୋତ୍ସବରେ ଆଲୋଚନାଚକ୍ର

ବାଣପୁର,୧୧।୨(ସମିସ): ବାଣପୁର ଗୋଦାବରୀଶ ମହାବିଦ୍ୟାଳୟର ବିଜ୍ଞାନ ସମାଜର ବାର୍ଷିକୋତ୍ସବ ଅବସରରେ ବିଜ୍ଞାନ ସମାଜ ଓ ଆଇକ୍ୟୁଏସିର ମିଳିତ ସହଯୋଗରେ ବିଜ୍ଞାନ ଆଲୋଚନାଚକ୍ର ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ବିନାୟକ ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ଼.ସୁରପ୍ରତାପ ନରେନ୍ଦ୍ର ସିଂ ବର୍ମା ଅତିଥି ପରିଚୟ ଦେଇଥିବା ବେଳେ ବରିଷ୍ଠ ଆଇପିଏସ ଡ଼.ଆଶୁତୋଷ ସାମନ୍ତସିଂହାର ଏବଂ ଓଡ଼ିଶା ମହାକାଶ ଗବେଷଣା କେନ୍ଦ୍ରର ପ୍ରଯୁକ୍ତିବିଦ୍ୟା ଅଧିକାରୀ ସରୋଜ କୁମାର ମହାନ୍ତି ଅତିଥି ଭାବେ ଯୋଗଦେଇ ବିଜ୍ଞାନର ଅବଦାନ ଓ ବିଶେଷତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଗଣିତ ବିଭାଗ ଅଧ୍ୟାପକ ସପିନ୍ କୁମାର ପୃଷ୍ଟି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିଜ୍ଞାନର ବିଭିନ୍ନ ବିଭାଗର ବହୁ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ଆଲୋଚନାଚକ୍ରରେ ଭାଗ ନେଇଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ପ୍ରାଣୀ ବିଜ୍ଞାନର ଛାତ୍ରୀ ବିଷ୍ଣୁପ୍ରିୟା ପଲାଇଙ୍କୁ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଅତିଥି ୧ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ଅଧ୍ୟାପିକା ଋତୁସ୍ମିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଆରୱାନ୍ ଏକାଡେମୀ ଉଦ୍‌ଘାଟିତ

ନିରାକାରପୁର,୧୧।୨(ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଷ୍ଟେସନ ବଜାର ନିକଟସ୍ଥ ଶନି ମନ୍ଦିରଠାରେ ଥିବା ଅରୋମିରା ପବ୍ଲିକ ସ୍କୁଲ ପରିସରରେ ଆରୱାନ ଏକାଡ଼େମୀ ଉଦଘାଟିତ ହୋଇଯାଇଛି । ମୁଖ୍ୟଅତିଥି ଭାବରେ ଓଡ଼ିଶାର ସୁନାମଧନ୍ୟ ମଞ୍ଚ ପରିଚାଳକ ଭାଷାବିତ ତଥା ଇଂରାଜୀ ଅଧ୍ୟାପକ ମୃତ୍ୟୁଞ୍ଜୟ ରଥ , ସମ୍ମାନିତ ଅତିଥି ଆଇନଷ୍ଟାଇନ ଅଧ୍ୟକ୍ଷ ଅବଦୁଲ କଲାମ, ସମ୍ମାନିତ ମୁଖ୍ୟବକ୍ତା ଅଧ୍ୟକ୍ଷ ସୁଧାଂଶୁ ଶେଖର ଦାଶ, ସମ୍ମାନିତ ଅତିଥି ଆରୱାନ ଏକାଡେମୀ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ରଥ, ନିରାକାରପୁର ଶାଖାର ପରିଚାଳକ ନିର୍ଦ୍ଦେଶକ ଦୁର୍ଗା ପ୍ରସାଦ ନାଥ ଶର୍ମା, ସମ୍ପାଦକ ଶକ୍ତି ପଟ୍ଟନାୟକ ଓ ଅନୁଷ୍ଠାନର ସହସମ୍ପାଦକ ଦେବୀପ୍ରସାଦ ପଟ୍ଟନାୟକ, ଜିଲ୍ଲା ପରିଷଦ ସଭ୍ୟ ବିଜୟ କୁମାର୍ ପାଲଟାସିଂ, ସରପଞ୍ଚ ବିନୋଦିନୀ ଦାଶଙ୍କ ସହ ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ, ଶିକ୍ଷକ, ଶିକ୍ଷା କ୍ଷେତ୍ରରେ ପ୍ରତିଷ୍ଠିତ ବୁଦ୍ଧିଜୀବୀମାନଙ୍କ ସହ ଅନେକ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।




## ଓଡ଼ିଆର୍ଟ ସଂଗ୍ରହାଳୟରେ ଅନ୍ତର୍ଜାତୀୟ ଚିତ୍ରକଳା ପ୍ରତିଭା କର୍ମଶାଳା



ବାଲୁଗାଁ,୧୧।୨(ସମିସ): ବାଲୁଗାଁ ନିକଟ ଚିଲିକାତଟ ସ୍ଥିତ ଓଡ଼ିଆର୍ଟ ସଂଗ୍ରହାଳୟ ବଡ଼କୂଳ ପରିସରରେ ଅନ୍ତର୍ଜାତୀୟ ଚିତ୍ରକଳା ପ୍ରଦର୍ଶନ କର୍ମଶାଳା ମଙ୍ଗଳବାର ଠାରୁ ଆରମ୍ଭ ହୋଇ ୧୪ତାରିଖ ପର୍ଯ୍ୟନ୍ତ ଚାଲିବ। ଆସନ୍ତା ଏପ୍ରିଲ ୧୦ ତାରିଖ ପର୍ଯ୍ୟନ୍ତ ଓଡିଆର୍ଟ ସାମୂହିକ କଳା ପ୍ରଦର୍ଶନ ହେବାର କାର୍ଯ୍ୟକ୍ରମ ରହିଛି। ଏହି ଅନ୍ତର୍ଜାତୀୟ ଚିତ୍ରକଳା ପ୍ରତିଭା କର୍ମଶାଳାକୁ ମଙ୍ଗଳବାର ଅନ୍ତର୍ଜାତୀୟ ଚିତ୍ରଶିଳ୍ପୀ ତଥା ସୁପ୍ରସିଦ୍ଧ ଲେଖକ ପ୍ରଫୁଲ କୁମାର ମହାନ୍ତି ଉଦ୍‌ଘାଟନ କରିଥିଲେ। ଆୟୋଜିତ କର୍ମଶାଳାରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ସୁପ୍ରସିଦ୍ଧ ଚିତ୍ରକାର ଏବଂ ଯୁବ ଛାତ୍ରଛାତ୍ରୀଙ୍କ ଚିତ୍ର କଳା ଓଡ଼ିଆର୍ଟ ସଂଗ୍ରହାଳୟର ୩ଗୋଟି ଗ୍ୟାଲେରୀରେ ପ୍ରଦର୍ଶିତ ହୋଇଛି। ଏଥିରେ ଦକ୍ଷିଣ କୋରିଆର ୪ ଜଣ ଛାତ୍ରଛାତ୍ରୀ ଓ ୨ ଜଣ ଶିକ୍ଷୟିତ୍ରୀ ଏବଂ ଭାରତର ବିଭିନ୍ନ ରାଜ୍ୟ ସମେତ ଓଡିଶାର ୭ ଜଣ ଛାତ୍ରଛାତ୍ରୀ ଯୋଗ ଦେଇ ନିଜର ସୁନ୍ଦର ଚିତ୍ର କଳା ପ୍ରଦର୍ଶନ କରିଥିଲେ। ଓଡ଼ିଆର୍ଟ ସଂଗ୍ରହାଳୟର ଚେୟାରମ୍ୟାନ ପ୍ରଦୋଷ ଚନ୍ଦ୍ର ମହାନ୍ତି, ସଂଗ୍ରହାଳୟର ପ୍ରତିଷ୍ଠାତା ପ୍ରସନ୍ନ କୁମାର ଦାସ, ସଚିବ ମାନସ ରଞ୍ଜନ ପଟ୍ଟନାୟକ, ଅନ୍ତର୍ଜାତୀୟ କ୍ୟୁରେଟର ପାର୍କ ୟେଅନ୍ ଓକ, ଚିତ୍ରକର ଦେବାଶିଷ ବାରୁଇ ଓ ରବିନ ରଏ ପ୍ରମୁଖ ସାମିଲ ହୋଇ କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିଥିଲେ।

## ଧର୍ମପରାୟଣ ମହିଳା ବସନ୍ତ ମଞ୍ଜରୀ ମହାନ୍ତିଙ୍କ ସ୍ମୃତିଚାରଣ ସଭା

ଟାଙ୍ଗୀ,୧୧।୨(ସମିସ): ସ୍ୱର୍ଗତ ବସନ୍ତ ମଞ୍ଜରୀ ଥିଲେ ଜଣେ ଧର୍ମ ପରାୟଣ ମହିଳା ଓ ଜଣେ ସୁଗୃହିଣୀ। ଜୀବନକାଳ ମଧ୍ୟରେ ଅନେକ ଧର୍ମ କାର୍ଯ୍ୟରେ ବ୍ରତୀ ଥିଲେ। ତାଙ୍କ ବିୟୋଗ ନିଜ ଗ୍ରାମ ତଥା ସାରା ଅଞ୍ଚଳରେ ଏକ ଅପୂରଣୀୟ କ୍ଷତି ବୋଲି ସ୍ଥାନୀୟ ଡିଆ ପଞ୍ଚାୟତ ଅଧିନସ୍ଥ ଭୋଇସାହି ଗ୍ରାମର ସ୍ୱର୍ଗତା ବସନ୍ତ ମଞ୍ଜରୀ ମହାନ୍ତିଙ୍କ ଏକାଦଶାହ ତିଥିରେ ଆୟୋଜିତ ସ୍ମୃତି ଚାରଣ ସଭାରେ ଉପସ୍ଥିତ ଶୁଭେଚ୍ଛୁମାନେ ମତବ୍ୟକ୍ତ କରିଛନ୍ତି। ଏହି ସ୍ମୃତିଚାରଣ ସଭାରେ ପ୍ରାକ୍ତନ ଛାତ୍ର ସଂସଦ ସଭାପତି ଅପର୍ତ୍ତୀ ଜେନା ପୌରୋହିତ୍ୟ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ସମ୍ବାଦର ଅଧ୍ୟକ୍ଷ ତଥା ପୂର୍ବତନ ଖଣ୍ଡପଡା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ସମାଜସେବୀ ଡ଼ ସଞ୍ଜୟ କୁମାର ପଟ୍ଟନାୟକ, ଖୋର୍ଦ୍ଧା ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ, ବିଜୁ ଜନତାଦଳର ଜିଲ୍ଲା ଉପସଭାପତି ବିପିନ କୁମାର ଜୟସିଂହ, ଯୁବସଂଗଠକ ଶୁଭମ ଦାଶ, ବିଧାୟକଙ୍କ ପ୍ରତିନିଧି ବାବୁ ସାମନ୍ତରାୟ, ସାମ୍ବାଦିକ ବିକାଶ କୁମାର ସାହୁ, ପ୍ରଭାତ କୁମାର ପାଣିଗ୍ରାହୀ, ରଞ୍ଜିତ ସାମନ୍ତରାୟ, ରାମ ନାରାୟଣ ଦାଶ, ସମାଜସେବୀ ବିଶ୍ୱଭୂଷଣ, ବିଜେପି ଜିଲ୍ଲା ସଭାପତି ରଶ୍ମି ରଞ୍ଜନ ମହାପାତ୍ର, ନିକୁଞ୍ଜ କିଶୋର ପଟ୍ଟନାୟକ, ଖୋର୍ଦ୍ଧା ଜିଲ୍ଲା ଧାନ ଚାଷୀ ମହାସଂଘ ସଭାପତି କେଲୁ ଚରଣ ଜଗଦେବ, ବ୍ୟଙ୍ଗ କବି ଅମ୍ଳାନ ପ୍ରହରାଜ, ଲଳିତ କବି ଡ଼ ଆର୍ତ୍ତତ୍ରାଣ ସାହୁ, ଡା ଶୁଭାସ ଚନ୍ଦ୍ର ଚୌଧୁରୀ, ବିଜେପି ମଣ୍ଡଳ ସଭାପତି ମାଧବ ପାଇକରାୟ, ସିପିଏମ ନେତା ବାପି ମହାରଣା, ନୂଆଗଡ ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ଗିରୀଶ ମହାରଣା, ଚାଷୀ ନେତା ନରେନ୍ଦ୍ର ମଙ୍ଗରାଜ, ଟାଙ୍ଗୀ ବ୍ଲକ ସାମ୍ବାଦିକ ସଙ୍ଘ ସଭାପତି ପଦ୍ମନାଭ ବିଶ୍ୱାଳ, ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, ଉପ ସଭାପତି ମନୋଜ କୁମାର ନାଇଡୁ, ସହ ସମ୍ପାଦକ ରମେଶ ଚନ୍ଦ୍ର ବେହେରା, କୋଷାଧ୍ୟକ୍ଷ ଦାମୋଦର ସାହୁ, ଓଳସିଂହ କଲେଜ ଅଧ୍ୟକ୍ଷ ସୁଧାଂଶୁ ଭୂଷଣ ଦାଶ, ବରିଷ୍ଠ ନାଗରିକ ସଙ୍ଘର ସଭାପତି ରାମକୃଷ୍ଣ ପଟ୍ଟନାୟକ, ଶ୍ରୀରାମ ଦୟା ପରିଷଦର ସମ୍ପାଦକ ଗଙ୍ଗାଧର ତ୍ରିପାଠୀ, ବଣିକ ସଙ୍ଘ ସଭାପତି ଆର୍ତ୍ତତ୍ରାଣ ରାଉତରାୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ପଣ୍ଡିତ ବିରଞ୍ଚି ନାରାୟଣ ତ୍ରିପାଠୀ, କମଳଲୋଚନ ପ୍ରଧାନ, ଶଙ୍କର୍ଷଣ ପ୍ରଧାନ, ରଜନୀକାନ୍ତ ପରିଡା ଓ ମନୋଜ କୁମାର ପ୍ରଧାନ ପରିଚାଳନା କରିଥିଲେ। ଶେଷରେ ସ୍ୱର୍ଗତ ବସନ୍ତ ମଞ୍ଜରୀଙ୍କ ଜ୍ୟେଷ୍ଠ ପୁତ୍ର ମାନସ ଚନ୍ଦ୍ର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ସାମନ୍ତରାପୁର-ମଳିପଡ଼ା ରାସ୍ତାକୁ ଅବରୋଧ କରିଛି ପାଇପ୍



ବେଗୁନିଆ,୧୧।୨(ସମିସ)

ବେଗୁନିଆ ଗ୍ରାମ୍ୟ ଉନ୍ନୟନ ବିଭାଗ ସେକ୍ସନର ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ମାଧ୍ୟମରେ ସାମନ୍ତରାପୁର-ମଳିପଡ଼ା ରାସ୍ତା କାର୍ଯ୍ୟ ଅସମ୍ପୂର୍ଣ୍ଣ ଅବସ୍ଥାରେ ବ୍ୟବହୃତ ଜଳ ନିଷ୍କାସିତ ପାଇପ ଗୁଡ଼ିକ ବହୁ ଦିନ ଧରି ରାସ୍ତା ଅବରୋଧ କରି ପଡ଼ି ରହିଛି । ଏହି ରାସ୍ତା ଦେଇ ପ୍ରତିଦିନ ଯାଉଥିବା ଜନସାଧାରଣଙ୍କ ଯାତାୟତରେ ଘୋର ଅସୁବିଧା ସୃଷ୍ଟି ହେବା ଯୋଗୁଁ ସାଧାରଣରେ ଅସନ୍ତୋଷ ପ୍ରକାଶ ଦେଇଛି। ତେଣୁ ପାଇପ ପଡିଥିବା ସମ୍ପୃକ୍ତ ସ୍ଥାନଟି ମୁଣ୍ଡିଆ ଉପରୁ ଆସୁଥିବା ପାଣି ଯିବା ପାଇଁ ଗଡାଣିଆ କରାଯାଇଥିଲା। ଏଥିରେ ଲୋକମାନଙ୍କ ଯାତାୟତ କ୍ଷେତ୍ରରେ ଅସୁବିଧା ହେତୁ ପାଇପ ପକାଇ ରାସ୍ତା ଉଚ୍ଚା କରିବା ପାଇଁ ବିଭାଗ ତରଫରୁ ପଦକ୍ଷେପ ନିଆଯାଇ ଠିକାଦାରଙ୍କୁ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଠିକାଦାର ଗଡାଣିଆ ରାସ୍ତାଟିକୁ ଖୋଳି ଦେଇ ସେଠାରେ ମାଟି ଗଦା କରି ଦେଇଥିବାରୁ ରାସ୍ତାର ଦୁଇ ପାଖରେ ପାଇପ ଗୁଡ଼ିକ ପକାଇ ଦେଇ ଥିବାରୁ ଅବରୋଧ ହୋଇ ପଡ଼ି ରହିଛି। ଅପର ପକ୍ଷରେ ରାସ୍ତା ଖୋଳାଯାଇ ପାଇପ ଗଦା ହୋଇ ରହିଥିବା ଯୋଗୁଁ ପଥଚାରୀ ମାନେ କିଛି ବାଟ ନ ଥିବା ଯୋଗୁଁ ପାଶ୍ୱର୍ରେ ଥିବା ପାଦଚଲା ବ୍ୟବହୃତ ରାସ୍ତାରେ ଗାଡି ମୋଟର ବହୁ ଅସୁବିଧା ଦେଇ ଯାତାୟାତ କରୁଛନ୍ତି । ଏପରିକି ରାସ୍ତାରେ ମୋଟର ଯାନ ଯାତାୟାତ କରୁଥିବାରୁ ମାଟି ଗୁଡ଼ିକ ଧୂଳିରେ ପରିଣତ ହୋଇ ଉଡୁଥିବା ଯୋଗୁଁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ସହ କୃତ୍ରିମ କୁହୁଡ଼ି ଭଳି ଦୃଶ୍ୟମାନ ହେଉଛି । ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ରବିନ୍ଦ୍ରକୁମାର ଜେନାଙ୍କୁ ପଚାରିବାରେ ଠିକାଦାର ତୁରନ୍ତ କାର୍ଯ୍ୟ କରିବା ପାଇଁ ଯୋଗାଯୋଗ କରାଯିବ ବୋଲି କହିଛନ୍ତି ।

## ବାଲୁଗାଁ ଉତ୍କଳ କରାଟେ ସ୍କୁଲର ବେଲ୍ଟ ପରୀକ୍ଷା

ବାଲୁଗାଁ,୧୧।୨(ସମିସ): ଉତ୍କଳ କରାଟେ ସ୍କୁଲ ବାଲୁଗାଁ ଶାଖା ପକ୍ଷରୁ ବେଲ୍ଟ ପରୀକ୍ଷା ବାଲୁଗାଁ ଇନଡୋର ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବାଲୁଗାଁ, ବାଣପୁର ଓ ଚାନ୍ଦପୁର ଶାଖା କରାଟେ ସ୍କୁଲର ବିଭିନ୍ନ

### ୫୦ ପ୍ରଶିକ୍ଷାର୍ଥୀ ଉତ୍ତୀର୍ଣ୍ଣ

ବର୍ଗରେ ମୋଟ ୫୦ କରାଟେକା ପ୍ରଶିକ୍ଷାର୍ଥୀ ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ। ପରୀକ୍ଷାର୍ଥୀ କରାଟେକା ନିଜ ନିଜର ବେସିକ୍, କାତା ଓ ଫାଇଟିଂରେ ଉଚ୍ଚକୋଟୀର କୌଶଳ ପ୍ରଦର୍ଶନ କରି ବେଲ୍ଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ସହ ପଦୋନ୍ନତି ପାଇ ୧୪ ଜଣ ବ୍ରାଉନ ବେଲ୍ଟ, ୮ଙ୍କୁ ବ୍ଲ୍ୟୁ ବେଲ୍ଟ, ୬ଙ୍କୁ ଗ୍ରୀନ ବେଲ୍ଟ, ୧୦ଙ୍କୁ ଅରେଞ୍ଜ ବେଲ୍ଟ ଓ ୧୨ଜଣ ୟେଲ୍ଲୋ ବେଲ୍ଟ ହାସଲ କରିବାରେ ସଫଳ ହୋଇଛନ୍ତି। ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ହାନସୀ ଡ.ହରି ପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉତ୍କଳ କରାଟେ ସ୍କୁଲର ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ପ୍ରଶିକ୍ଷକ ୭ମ ଡାନ ବ୍ଲାକବେଲ୍ଟ କ୍ୟୋସି ଦୀପକ କୁମାର ସାମନ୍ତରାୟ ପରୀକ୍ଷା ପରିଚାଳନା କରିଥିଲେ।



ଏଥିରେ ଭାରତୀୟ ଜୀବନ ବୀମା ନିଗମ ବାଲୁଗାଁ ଶାଖା ପ୍ରବନ୍ଧକ ଅନୟ କୁମାର ମହାନ୍ତି ଅତିଥି ଭାବେ ଯୋଗ ଦେଇଥିବା ବେଳେ ବାଣପୁର ଶାଖାର କୋଚ ସେନସେଇ ଏସ କେ ଏ ହକ, ଚାନ୍ଦପୁର ଶାଖା ସଂଯୋଜକ ଅବିନାଶ ଦାଶ, ସିନିୟର ବ୍ଲାକ ବେଲ୍ଟ ରଞ୍ଜନ ସାମନ୍ତରାୟ, ପ୍ରତାପ କେଶରୀ ଜେନା, କ୍ରିଷ୍ଣା ଶିକାରୀ, ସଂଗ୍ରାମ ନାୟକ, ସାଲୋନୀ ପାତ୍ର ଓ ବୈକୁଣ୍ଠ ନାଥ ପ୍ରଧାନ ପ୍ରମୁଖ ପରୀକ୍ଷା ପରିଚାଳନାରେ ସହଯୋଗ କରିଥିଲେ।

